## ସଂକ୍ଷେପରେ

ବସ୍ତା ଗାନ୍ଧୀ ଛକ ମଦ ଜବତ ଘଟଣା

### ଗିରଫ ୧୦ଜଣ ଜେଲ୍ ଗଲେ

**ନଗଦ ୮ ଲକ୍ଷ ଟଙ୍କା ଜବତ**

ବସ୍ତା, ୨୨।୩(ହରିଶଙ୍କର ପାତ୍ରୀ)- ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗାନ୍ଧି ଛକ ନିକଟ କୁଡ଼ିଆଠାରେ ବସୁନ୍ଧରା ହୋଟେଲ ଉପରେ ଗତ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଚୋରା ୧୫ଶହ ଲିଟର ଦେଶୀ ମଦ, ୮ଟି ବାଇକ, ୭ଟି ମୋବାଇଲ ସହ ହୋଟେଲ ପରିଚାଳକଙ୍କ ସମେତ ୧୦ଜଣଙ୍କୁ ଗିରଫ କରାଯାଇଛି। ଏଥିସହିତ ନଗଦ ୮ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଥିଲା। ଏହି ଦେଶୀ ମଦ କାରବାରର ମୁଖ୍ୟ ବାପି ଓ ଚୁନା ଘଟଣାସ୍ଥଳରୁ ଖସି ଫେରାର ହୋଇଯାଇଥିଲେ। ସେମାନେ ଏ ପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ତେବେ ଗିରଫ ୧୦ଅଭିଯୁକ୍ତଙ୍କୁ ଶୁକ୍ରବାର ବସ୍ତା ବିଚାର ବିଭାଗୀୟ କୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇଥିଲା। କିନ୍ତୁ ଏହି ଆବେଦନକୁ ଜଜ୍ ମିସ ସିଲଭାସା ବଡ଼ ଜେନା ଖାରଜ କରିଦେଇଛନ୍ତି। ଫଳରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ୩ ବଖରା ପୋଡ଼ିଗଲା

ସୋର, ୨୨।୩(ଜନ୍ମେଜୟ ମିଶ୍ର)-ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳି ପୋଡିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଏହି ଗ୍ରାମର ଅଭୟ ପଣ୍ଡାଙ୍କ ଠାକୁର ଘରେ ପରିବାର ତରଫରୁ ଦୀପ ଲଗାଯାଇଥିଲା। ଏହି ଦୀପ ନିଆଁରୁ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ଏହାଦେଖି ନିଆଁକୁ ଆୟତ୍ତ କରିବା ସହିତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସୋର ଅଗ୍ନିଶମ ବିଭାଗର ଦୁଇଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ୩ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିଲା। ଏହି ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଗାଡ଼ିଆରେ ବୁଡ଼ି ଶିଶୁପୁତ୍ର ମୃତ

ସୋର, ୨୨।୩(ଜନ୍ମେଜୟ ମିଶ୍ର): ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସିନ୍ଧୁଆ ଗ୍ରାମରେ ଗାଡିଆରେ ବୁଡି ୨ ବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇଛି। ଯୋଗେଶ୍ୱର ସିଂଙ୍କ ୨ବର୍ଷର ପୁଅ ରୁଦ୍ରପ୍ରତାପ ସିଂ ଶୁକ୍ରବାର ଘର ନିକଟରେ ଖେଳୁଥିବା ବେଳେ ପାଖ ଗାଡିଆରେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ଗାଡିଆରେ ଖୋଜାଖୋଜି କରିବା ପରେ ତାଙ୍କୁ ପାଇଥିଲେ। ସେଠାରୁ ତୁରନ୍ତ ସୋର ଡାକ୍ତରଖାନା ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ପହଞ୍ଚି ଏକ ମାମଲା(ନଂ.୧୭/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ କରିଛି।

# ପ୍ରୋତ୍ସାହନ ନ ମିଳିଲେ ପେସା ଛାଡିବେ ସବାଇ କାରିଗର

କାଳିପଦା,୨୨।୩(ରାଜଶ୍ରୀ ପାଣିଗ୍ରାହୀ)



ସବାଇ ଘାସ କାରିଗର।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଏବେ ୫ ଶହରୁ ଅଧିକ ସବାଇ ଘାସ କାରିଗର ଅଛନ୍ତି। ଦୀର୍ଘଦିନ ଧରି କାମ କରି ଆସୁଥିବା ଏହି କାରିଗରମାନେ ସରକାରୀ ପ୍ରୋତ୍ସାହନ ଅଭାବରୁ ଏବେ ଅବହେଳିତ ଅବସ୍ଥାରେ ରହିଛନ୍ତି। ରାହ୍ୱା (ଗ୍ରାମୀଣ ଦକ୍ଷ ମହିଳା କାରିଗର ସଂଘ) ନାମକ ଏକ ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ ସେମାନଙ୍କର ଏବେ ସାହା ଭରସା ପାଲଟିଛି। ରାହ୍ୱା ସେମାନଙ୍କୁ କଞ୍ଚାମାଲ ଯୋଗାଇବା ସହିତ ପ୍ରସ୍ତୁତ ସାମଗ୍ରୀର ବିକ୍ରିବଟା କରୁଛି। ବଜାରରେ ମାନ୍ଦାବସ୍ଥା ଯୋଗୁ କାରିଗରମାନେ କ୍ଷତି ସହୁଛନ୍ତି। ରାହ୍ୱା ମଧ୍ୟ କ୍ଷତି ସହୁଛି। ଉନ୍ନତମାନର ଏହି ସାମଗ୍ରୀର ଦେଶ ବିଦେଶରେ ଖୁବ୍ ଚାହିଦା ରହିଛି। ବଡ଼ ବଡ଼ କମ୍ପାନୀମାନେ ବେଳେ ବେଳେ ବିଭିନ୍ନ ଆଳ ଦେଖାଇ ସ୍ୱଳ୍ପ ଦାମରେ ସିଧାସଳଖ ଭାବେ ସାମଗ୍ରୀ କିଣିବା ସହିତ କାରିଗରମାନଙ୍କୁ ଶୋଷଣ କରନ୍ତି। ଏନେଇ ଅଭିଯୋଗ କଲେ କୌଣସି ପ୍ରତିକାର ହୁଏ ନାହିଁ।

ରାହ୍ୱା ୨୦ ବର୍ଷ ଧରି ବାଲିଆପାଳ ବ୍ଲକର କରଞ୍ଜ, ବଗଦା, ଗୁଟା ମୂଳି, ମଣ୍ଡନାଞ୍ଜି, ସୁରଡିହା, କାଳିଆଖିଆ, କାଶୀପୁର, ନାରାୟଣପୁର, ଜାମକୁଣ୍ଡା, ବସ୍ତା ବ୍ଲକର କରୁଆ, ଚାଲନ୍ତି ଆଦି ମହିଳା ଗ୍ରୁପ୍ କାରିଗରମାନଙ୍କୁ କଞ୍ଚାମାଲ ଯୋଗାଇ ଦେବା ସହିତ ଆବଶ୍ୟକସ୍ଥଳେ ନୂଆ ଜ୍ଞାନକୌଶଳ ତାଲିମ ଦେଉଛି। ରାହ୍ୱା ଏବେ ଚଢ଼ା ଦରରେ କଞ୍ଚା ମାଲ ମୟୂରଭଞ୍ଜ, କେନ୍ଦୁଝର ଆଦି ଅଞ୍ଚଳରୁ କିଣୁଛନ୍ତି। ସରକାର କାରିଗରମାନଙ୍କୁ ରିହାତି ମୂଲ୍ୟରେ କଞ୍ଚାମାଲ ଯୋଗାଇ ଦେଲେ କାରିଗରମାନେ ଉପକୃତ ହୋଇପାରନ୍ତେ ବୋଲି ରାହ୍ୱାର ସମ୍ପାଦିକା ଆରତୀ ପାତ୍ର କହିଛନ୍ତି। ମମତା ପଢ଼ିଆରୀ, ବାସନ୍ତୀ ପଢ଼ିଆରୀ, ସୁଜାତା ହାଜିରା, ମାମୁନି ବେହେରା, କଳ୍ପନା ପଣ୍ଡା, କବିତା ପଣ୍ଡା, ସ୍ନେହଲତା ସେଠୀ ଓ ବୀଣାପାଣି ସେଠୀ ପ୍ରମୁଖ ସରକାରୀ ପ୍ରୋତ୍ସାହନ ନ ମିଳିଲେ ଏଣିକି ପେଶା ଛାଡ଼ିଦେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ନିକଟରେ ସରକାର ବାଲିଆପାଳ ବ୍ଲକକୁ ସବାଇ ଘାସ କାରିଗର ପୁଞ୍ଜି ଘୋଷଣା କରିଥିବାରୁ କାରିଗର ମହଲରେ କିଛିଟା ଆଶ୍ୱସ୍ତି ଦେଖାଦେଇଛି। ତେବେ ଅଗାମୀ ଦିନରେ କାରିଗରମାନଙ୍କ ପାଇଁ କି ପଦକ୍ଷେପ ନିଆଯାଉଛି , ତାହା ଦେଖିବାକୁ ବାକି ରହିଲା।

# ବିଜେଡିର ମିଶ୍ରଣ ପର୍ବ, କର୍ମୀ ସମ୍ମିଳନୀ




ସମ୍ମିଳନୀରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଓ ଅନ୍ୟ ବିଜେଡି କର୍ମକର୍ତ୍ତା।

ଜଳେଶ୍ୱର, ୨୨।୩(ନବୀନ ସାହୁ)

ଜଳେଶ୍ୱର ବ୍ଲକ ଗୋବରଘାଟା ପଞ୍ଚାୟତ ନିଲ୍ଲା କଲ୍ୟାଣମଣ୍ଡପରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ବିଶ୍ୱଜିତ ପାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋବରଘାଟା ପଞ୍ଚାୟତ ବିଜେଡି ପଞ୍ଚାୟତ ସଭାପତି ସୂର୍ଯ୍ୟାନନ୍ଦ ପାଲ୍ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଜଳେଶ୍ୱର ବିଜେଡି ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଭାଜପା ପରିବାରର ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଆସି ବିଜୁ ଜନତା ଦଳରେ ସାମିଲ ହେଇଛନ୍ତି। ପଞ୍ଚାୟତର କଂଗ୍ରେସର ୨୦ ପରିବାରର ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସେହିପର ସୁଗୋ ପଞ୍ଚାୟତର କଂଗ୍ରେସ ଓ ଭାଜପା ଦଳର ୬୦ପରିବାର ସହିତ ଗୋପୀମୋହନପୁର ପଞ୍ଚାୟତର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଓଷ୍ଟା ଜିଲା ସଭାପତି ମନୋରଞ୍ଜନ ଦାସଙ୍କ ସହିତ ତାଙ୍କ ସାଥୀମାନେ ବିଜୁ ଜନତା ଦଳର ଆଦର୍ଶରେ ଅନୁପ୍ରାଣିତ ହେଇ ଦଳରେ ଯୋଗ ଦେଇଛନ୍ତି। ବିଜେଡି ତରଫରୁ ଜିଲା ମହିଳା ସଭାନେତ୍ରୀ ବିନ୍ଦୁବଲା ନନ୍ଦୀ, ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ପୌରପାଳିକା ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ପୌରପାଳିକା ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବ୍ଲକ ବିଜେଡି ସଭାପତି ଦିଲୀପ ସାମଲ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ବିଜେଡି ବ୍ଲକ ଯୁବ ସଭାପତି ନିମାଇଁ ଚରଣ ଘୋଷ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ ଦାସ, ବ୍ରିଜେଶ ରଣା, ବସ୍ତା ବ୍ଲକ ସଭାପତି ଅନାଦି ଦାସ, ଜିଲା ସାଧାରଣ ସମ୍ପାଦିକା ଦେବଜାନୀ ମହାନ୍ତି, ସାଧାରଣ ସମ୍ପାଦକ ବାଲେଶ୍ୱର ଦେବେନ୍ଦ୍ର ଘୋଷ, ମନ୍ତ୍ରୀ ପ୍ରତିନିଧି ସତ୍ୟରଞ୍ଜନ ଦାସ, ଗୋବରଘାଟା ନାଏବ ସରପଞ୍ଚ ସୁବଳ ମହାନ୍ତିଙ୍କ ସହିତ ବହୁ କର୍ମୀ ଉପସ୍ଥିତ ଥିଲେ।

# ପ୍ରମୁଖ ଶିଳ୍ପର ମାନ୍ୟତା ଦେବା ଉପରେ ଗୁରୁତ୍ୱ




ଖବରଦାତା ସମ୍ମିଳନୀରେ ଟ୍ରଷ୍ଟର ସଦସ୍ୟାସଦସ୍ୟ।

**୧ରେ 'ରସଗୋଲା ମହୋତ୍ସବ'**

ବାଲେଶ୍ୱର, ୨୨।୩(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଏଡିଏମ୍ ଛକସ୍ଥିତ ବ୍ରିଟ୍ କଲ୍ୟାଣ ମଣ୍ଡପ ପରିସରରେ ଆସନ୍ତା ଏପ୍ରିଲ ୧ ତାରିଖ 'ଉତ୍କଳ ଦିବସ' ଅବସରରେ ହେବାକୁ ଥିବା 'ରସଗୋଲା ମହୋତ୍ସବ' ପାଇଁ ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟ ତରଫରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ସଭାପତି ହରେକୃଷ୍ଣ ଦାଶଙ୍କ ସୂଚନା ଅନୁଯାୟୀ ରସଗୋଲା ବ୍ୟବସାୟକୁ ଏକ ପ୍ରମୁଖ ଶିଳ୍ପର ମାନ୍ୟତା ହାସଲ କରିବାର ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଟ୍ରଷ୍ଟ ଗତ ୩ବର୍ଷ ତଳେ ଆରମ୍ଭ ହୋଇଥିଲା। ଜଗନ୍ନାଥ ସଂସ୍କୃତି ଆରମ୍ଭରୁ କେବଳ ଓଡ଼ିଶାରେ ଉପଲବ୍ଧ ଏବଂ ପ୍ରଭୁ ଜଗନ୍ନାଥଙ୍କ ଭୋଗରେ ସ୍ଥାନିତ ରସଗୋଲାକୁ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ନିଜର ଉତ୍ପତି ବୋଲି ଦାବି କରି ବିବାଦଘେରକୁ ଆସିଥିଲା। ରସଗୋଲା ଓଡ଼ିଶାର ବୋଲି ଜି. ଟ୍ୟାଗ୍ ମାନ୍ୟତା ମିଳିଥିଲା। ଟ୍ରଷ୍ଟ ତରଫରୁ ରସଗୋଲା କାରିଗର ଓ ବ୍ୟବସାୟୀମାନଙ୍କୁ ଉତ୍ସାହିତ କରିବା ପାଇଁ ଖାଦ୍ୟ ବିଶେଷଜ୍ଞମାନଙ୍କ ଦ୍ୱାରା ମାନ ପରୀକ୍ଷା ପୂର୍ବକ ପ୍ରଥମ ପୁରସ୍କାର ୧୦ହଜାର, ଦ୍ୱିତୀୟ ପୁରସ୍କାର ୫ହଜାର ଏବଂ ତୃତୀୟ ପୁରସ୍କାର ୩ହଜାର ଟଙ୍କା ପ୍ରଦାନ କରାଯିବ। ସେହିଭଳି କାର୍ଯ୍ୟ କରୁଥିବା ମହିଳା ସଙ୍ଗଠନ ମାଧ୍ୟମରେ ଲୁପ୍ତ ପ୍ରାୟ ପାରମ୍ପରିକ ପିଠାର ଉଦ୍ଧାର ପାଇଁ ପିଠା ପ୍ରତିଯୋଗିତା କରିବାକୁ ସ୍ଥିର ହୋଇଛି। ପ୍ରଥମ ପୁରସ୍କାର ୫ହଜାର, ଦ୍ୱିତୀୟ ପୁରସ୍କାର ୩ ହଜାର ଓ ତୃତୀୟ ପୁରସ୍କାର ୨ହଜାର ଟଙ୍କା ରଖାଯାଇଛି। ଟ୍ରଷ୍ଟ ଉପସଭାପତି ରଘୁନାଥ ପ୍ରଧାନ, ସାଧାରଣ ସମ୍ପାଦକ ଉପେନ୍ଦ୍ର ପାତ୍ର, ସାଙ୍ଗଠନିକ ସମ୍ପାଦକ ଡ. ପଙ୍କଜ କୁମାର ଜେନା, ଅର୍ଥ ସମ୍ପାଦକ ସିଏ ସଞ୍ଜିବ ନାୟକ, ସାଂସ୍କୃତିକ ସମ୍ପାଦିକା ସଂଘମିତ୍ରା ମହାନ୍ତି, କୋଷାଧ୍ୟକ୍ଷ କିଶୋର ଦାସ, ମିଡ଼ିଆ ସଂଯୋଜକ ଭାଗିରଥୀ ମହାନ୍ତି ଓ ସଂଯୋଜିକା ବନ୍ଦନା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗଙ୍କୁ କମ୍ବଳ ବଣ୍ଟନ

ବାହାନଗା,୨୨।୩(ଅରୂପ୍ କୁମାର ଦାସ)

ଶୁକ୍ରବାର ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଶ୍ରୀ ଜଗନ୍ନାଥ ଦିବ୍ୟାଙ୍ଗ ସେବା ସଂସ୍ଥା ପକ୍ଷରୁ ଦିବ୍ୟାଙ୍ଗ ମହିଳା ପୁରୁଷମାନଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରାଯାଇଥିଲା । ବାଲେଶ୍ୱରର ସାମାଜିକ ମହିଳା କର୍ମୀ ସୁବାସିନୀ ଜେନା ସହଯୋଗ କରିଥିଲେ। ଏହି ଉପଲକ୍ଷେ ଶୁକ୍ରବାର ବାହନଗା ତହସିଲ ପରିସରରେ ଏକ ଶୀତବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଗୋପାଳପୁର ବଜାରର ମା' କାଳୀ ବ୍ୟବସାୟୀ ସଂଘର ସମ୍ପାଦକ ମନୋଜ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ସାମାଜିକ ମହିଳା କର୍ମୀ ସୁବାସିନୀ ଜେନାଙ୍କ ଦ୍ୱାରା ସହାୟତା କରାଯାଇଥିବା କମ୍ବଳଗୁଡିକୁ ୪୦ ଜଣ ଦିବ୍ୟାଙ୍ଗ ମହିଳା ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିଲା। ସଂସ୍ଥାର ସଭାପତି ମୃତ୍ୟୁଞ୍ଜୟ ନାରାୟଣ ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ସଂସ୍ଥା ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ ଅନୁଷ୍ଠାନର କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ।ଏଥିରେ ସଭ୍ୟା ସଞ୍ଜୁଲତା ଆଚାର୍ଯ୍ୟ, ମଞ୍ଜୁଲତା ଆଚାର୍ଯ୍ୟ, ସଭ୍ୟ ମହେନ୍ଦ୍ର କୁମାର ବାରିକ୍, କପିଳେନ୍ଦ୍ର ଦାସ, ମହେଶ୍ୱର ଶଙ୍ଖୁଆ, ମହେନ୍ଦ୍ର ସେଠୀ ପ୍ରମୁଖ ସଂଘର ସଭ୍ୟାସଭ୍ୟମାନେ ଉପସ୍ଥିତ ରହି କମ୍ବଳ ବଣ୍ଟନରେ ସହଯୋଗ କରିଥିଲେ।

# ବିଶ୍ୱ ଜଙ୍ଗଲ ଦିବସରେ ଚାରା ରୋପଣ



ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ କରାଯାଉଛି।

ଖଇରା, ୨୨।୩ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ବେଗୁନିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ମୁକେଶ କୁମାର ସାହୁଙ୍କ ପ୍ରମୁଖ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମସେର ସାହାଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ଶେଷରେ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ପରିବେଶବିତ୍ ପୂର୍ଣ୍ଣଚନ୍ଦ୍ର ସେଣ୍ଠଙ୍କ ନେତୃତ୍ୱରେ ସହକାରୀ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜାମୁ, ବଉଳ ଓ ଜଡା ଆଦି ରୋପଣ କରାଯାଇଥିଲା।

# ୧ରୁ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କ ମେଳା

ଭୋଗରାଇ, ୨୨।୩(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସ୍ଥିତ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କମେଳା ଆସନ୍ତା ୧ରୁ ଶୁଭାରମ୍ଭ ହେଉଛି। ଏଥିନିମନ୍ତେ ଶୁକ୍ରବାର ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ, ଟ୍ରଷ୍ଟ ବୋର୍ଡ଼, ସେବାୟତଙ୍କ ପକ୍ଷରୁ ପ୍ରସ୍ତୁତି ବୈଠକ ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରିଙ୍କ ପୌରୋହିତ୍ୟରେ ଜିଲାପାଳ ଆଶିଷ ଠାକ୍‌ରେ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଉପଜିଲାପାଳ ପ୍ରଥମେଶ୍ୱର ଅରବିନ୍ଦ ରାଜେଶିର୍କେ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ବିଡ଼ିଓ ଉମାକାନ୍ତ ପରିଡା, ଏସ୍‌ଡ଼ିପିଓ ଦିଲୀପ କୁମାର ସାହୁ, ମୌରସୀ ତପନ କୁମାର ପଣ୍ଡା ପ୍ରମୁଖ ଚଡ଼କ ମେଳା ସମ୍ପର୍କିତ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ। ଚଳିତ ବର୍ଷ ଉପବିତ୍‌ଧାରୀ ଭକ୍ତଙ୍କ ସକାଶେ ୧୦ ଟଙ୍କା ଟିକେଟ ବାବଦକୁ ରଖାଯାଇଛି। ଏହି ପ୍ରସିଦ୍ଧ ମେଳାକୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଆଗମନ ହେବାର ସମ୍ଭାବନା ଥିବାରୁ ସୁରକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ, ଶୌଚାଗାର, ସ୍ୱଚ୍ଛତା, ଟ୍ରାଫିକ ନିୟନ୍ତ୍ରଣ, ମନ୍ଦିରକୁ ପ୍ରବେଶ ଓ ପ୍ରସ୍ଥାନରେ ବାରିକେଡ଼ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଏପ୍ରିଲ ପହିଲାରୁ ଚନ୍ଦନେଶ୍ୱର ଜୀଉଙ୍କ ରୁଦ୍ରାଭିଷେକ, ନୀତିକାନ୍ତି ପୂଜା, ମୌରସୀଙ୍କ ଆଜ୍ଞାମାଳ, ପଡ଼ାବାଉଁଶ ଛେଦନ, ଜୀଉଙ୍କ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆଙ୍କ ଉପବୀତ ଧାରଣ, ଅର୍ଘ୍ୟଦାନରୁ ମହାଦେବଙ୍କ ଚଡ଼କ ମେଳା ଶୁଭାରମ୍ଭ ହେବ। ଏପ୍ରିଲ ୬ ଶନିବାରରେ ୭ ଅର୍ଘ୍ୟ, ୮ ସୋମବାରରେ ୫ ଅର୍ଘ୍ୟ, ୧୦ ବୁଧବାର ମହାଦେବଙ୍କ କାମିନୀ ବିବାହ, ୧୨ ଶୁକ୍ରବାର ମହାନୀଳ ପର୍ବ ଓ ୧୩ ଶନିବାର ଜୀଉଙ୍କ ଶେଷପର୍ବ ପାଟ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ୧୪ଦିନ ଧରି ଚନ୍ଦନେଶ୍ୱର ମହାଦେବଙ୍କ ଚଡ଼କ ମେଳା ସହିତ ଅନୁରୂପ ଭାବେ କୁମ୍ଭୀରଗଡ଼ି ପାହି ଅଞ୍ଚଳରେ ଅବସ୍ଥିତ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ଚୈତ୍ର ଚଡ଼କ ମେଳା ଉଦ୍‌ଯାପିତ ହେବ।

# ବସନ୍ତ ଆସିଲେ ଧରାପୃଷ୍ଠ ହୋଇଯାଏ ନନ୍ଦନକାନନ




ବସନ୍ତ ଉତ୍ସବରେ ଛାତ୍ରୀଙ୍କ ଗହଣରେ ଅତିଥିମାନେ।

**ନୀଳମଣି ମହାବିଦ୍ୟାଳୟରେ ବସନ୍ତ ଉତ୍ସବ**

ରୂପସା, ୨୨।୩(ବାଞ୍ଛାନିଧି ଦେ)

ପ୍ରେମ, ଫଗୁଣର ପ୍ରତୀକ ଋତୁରାଜ ବସନ୍ତ ପ୍ରକୃତି ଭିତରେ ରାଜ କରେ। ବସନ୍ତ ବିନା ପୃଥିବୀଟା ମରୁଭୂମି ସଦୃଶ। ବାସ୍ତବରେ ବସନ୍ତ ଆଗମନରେ ଧରାପୃଷ୍ଠ ନନ୍ଦନକାନନ ପାଲଟିଯାଏ ବୋଲି ବସନ୍ତ ଉତ୍ସବରେ ଯୋଗଦେଇ ମୁଖ୍ୟଅତିଥି ଭାବେ ସାଗରିକା ପତ୍ରିକାର ସମ୍ପାଦିକା ତଥା ନାରୀ କବି ସୈରିନ୍ଧ୍ରୀ ସାହୁ ଓ ମୁଖ୍ୟବକ୍ତା ବିଶିଷ୍ଟ କବି ଦିଲୀପ ରଥ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଓଡିଶା ଭାଷା, ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ବସନ୍ତ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ ତପନ କୁମାର ବେହେରା ଉତ୍ସବରେ ଅଧ୍ୟକ୍ଷତା କରି ବସନ୍ତ ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟର ଗବେଷକ ତଥା ଲେଖକ ଡ. ଭାଗବତ ପ୍ରସାଦ ବେହେରା, ପୂର୍ବତନ ଓଡ଼ିଆ ପ୍ରାଧ୍ୟାପିକା ରେଣୁବାଳା ଦାସ, ସାହିତ୍ୟିକ ଡ. ବଂଶୀଧର ଚୌଧୁରୀ, ସାହିତ୍ୟିକ ସୃଷ୍ଟିଧର ପରିଡ଼ା, କେକେଏସ ମହିଳା କଲେଜର ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପକ ରାଜକିଶୋର ପଣ୍ଡିତ ପ୍ରମୁଖ ମଞ୍ଚାସୀନ ହୋଇ ପ୍ରେମ, ଆବେଗର ଭିନ୍ନ ଅନୁଭୂତି ବସନ୍ତ ଆଜି ବ୍ୟସ୍ତତା ଭିତରେ ହଜିଯାଇଛି ବୋଲି ବକ୍ତବ୍ୟରେ କହିଥିଲେ। ବିଭାଗୀୟ ଅଧ୍ୟାପକ ଶ୍ରୀଧର ବେହେରା, ଅଧ୍ୟାପିକା ରଶ୍ମିତା ମହାପାତ୍ର, ଅଧ୍ୟାପକ ଚନ୍ଦନ ଦାସଙ୍କ ସମେତ ଛାତ୍ରୀଛାତ୍ର ବସନ୍ତ ସମ୍ବନ୍ଧୀୟ କବିତାପାଠ କରିଥିଲେ। ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ରୋଜାଲିନ ସ୍ୱାଇଁ, ଦେବସ୍ମିତା ଭୂୟାଁ, ବାସନ୍ତୀ ସାହୁ, ଡ. ଶାନ୍ତନୁ ଜେନା, ଶମ୍ଭୁନାଥ ଗିରି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅତିଥିମାନେ ପରସ୍ପର ରଙ୍ଗ, ଅବିର ବୋଳି ହୋଇ ଉତ୍ସବ ମନାଇଥିଲେ। ଅଧ୍ୟାପକ ହରେନ୍ଦ୍ର ଗାଁଣ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଏଆଇ ଏକ ଅବିଚ୍ଛେଦ୍ୟ ଅଙ୍ଗ, ଏହାର ସଦୁପଯୋଗ ହେଉ'

ବାଲେଶ୍ୱର, ୨୨।୩(ମାନସ ବିଶ୍ୱାଳ)




ଅତିଥିଙ୍କ ଗହଣରେ ବୁଝାମଣାପତ୍ର ସ୍ୱାକ୍ଷରିତ କାର୍ଯ୍ୟକ୍ରମ।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗ ତଥା ଇଲେକ୍ଟ୍ରିକାଲ୍ ଏବଂ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର୍ସ ଇନଷ୍ଟିଚ୍ୟୁଟ୍ ଓ ଜିଓ ସାଇନ୍ସ ଏବଂ ରିମୋଟ ସେନ୍ସିଂ ସୋସାଇଟି କୋଲକାତା ଅଧ୍ୟାୟର (ଆଇଇଇଇ-ଜିଆରଏସ୍ଏସ୍) ସହଯୋଗରେ ଦୁଇଦିନିଆ 'ନ୍ୟାଶନାଲ କନଫରେନ୍ସ ଅନ୍ ଆଡଭାନ୍ସେସ ଇନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସିଷ୍ଟମ' ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଶ୍ରୀଲଙ୍କା, ଦକ୍ଷିଣ କୋରିଆ, ପଶ୍ଚିମବଙ୍ଗ, ଦିଲ୍ଲୀ, ହାଇଦ୍ରାବାଦ, ଛତିଶଗଡ଼, ଭୁବନେଶ୍ୱର, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ବାରିପଦା, ଢେଙ୍କାନାଳ, ବୁର୍ଲା, ଜୟପୁର, ଧର୍ମଶାଳା, ମୁମ୍ବାଇ, ଗୁଜୁରାଟ, ବ୍ରହ୍ମପୁର ଏବଂ ବାଲେଶ୍ୱରର ୩୦୦ରୁ ଅଧିକ ଅଂଶଗ୍ରହଣକାରୀ କାର୍ଯ୍ୟ କରୁଥିବା ଏବଂ ଏଆଇ ପ୍ରତି ଆଗ୍ରହ ଥିବା ଛାତ୍ରମାନେ ଯୋଗଦେଇଥିଲେ। ସମ୍ମିଳନୀରେ ୫୦ରୁ ଅଧିକ ଗବେଷକ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀର ଆୟୋଜକମାନେ ଏଆଇ ସମ୍ପର୍କିତ ଅତ୍ୟାଧୁନିକ ଅଗ୍ରଗତି ଏବଂ ଏଆଇ ସିଷ୍ଟମର ଭବିଷ୍ୟତ ଗଠନ ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ପ୍ରଦାନ କରିଛନ୍ତି। ସମ୍ମିଳନୀରେ ଅନୁସନ୍ଧାନକାରୀ, ଗବେଷକ, ଅଭ୍ୟାସକାରୀ ଏବଂ ଉଦ୍ୟୋଗୀ ଓ ଶିଳ୍ପ ପ୍ରଫେସନାଲମାନଙ୍କ ସହ ଆଲୋଚନା ଦ୍ୱାରା ମୂଲ୍ୟବାନ ସଂଯୋଗ, ସହଯୋଗ ଏବଂ ସହଭାଗିତା ପ୍ରତିଷ୍ଠା କରିବାରେ ସାହାଯ୍ୟ କରିପାରିବ, ଯାହା ନୂତନ ସୁଯୋଗ ଏବଂ ଅନ୍ତର୍ନିହିତ କାରଣ ହୋଇପାରେ ବୋଲି କୁଳପତି କହିଥିଲେ। ମୁଖ୍ୟଅତିଥି ଭାବେ ଆଇଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆଶିଷ ଘୋଷ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଆଇଏମ୍ଆଇର ନିର୍ଦ୍ଦେଶକ ପ୍ରଫେସର ରମେଶ ବେହେଲ, ସମ୍ମାନିତ ଅତିଥି ଭାବେ ସଷ୍ଟେନେବଲ୍ ଆଉଟରିଚ୍ ଏବଂ ୟୁନିଭର୍ସାଲ୍ ଲିଡରଶିପ୍ (ସୋଲ) ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ପ୍ରଫେସର ସସ୍ମିତା ସାମନ୍ତ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଅତିଥିଙ୍କ ଦ୍ୱାରା ସମ୍ମିଳନୀ ସ୍ମରଣିକା, ଓଡ଼ିଆ ପତ୍ରିକା (ଡିଜିଟାଲ୍ ଏକ୍ସପ୍ଲୋରର) ଏବଂ ଏକ ନ୍ୟୁଜଲେଟର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ କମ୍ପ୍ୟୁଟର ସାଇନ୍ସ ବିଭାଗ ଦ୍ୱାରା ଆୟୋଜିତ କୋଡିଂ ଚ୍ୟାଲେଞ୍ଜ-୨୪ ର ବିଜେତା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ପାରସ୍ପରିକ ଗବେଷଣା ସହଯୋଗକୁ ବୃଦ୍ଧି କରିବା ତଥା ଶିକ୍ଷାକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଦ୍ୱାରା ନୂତନତ୍ୱ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସହାୟକ ହେବା ଉଦ୍ଦେଶ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହିତ ସଷ୍ଟେନେବଲ ଆଉଟରିଚ ଆଣ୍ଡ ୟୁନିଭର୍ସାଲ ଲିଡରସିପ୍ ଲିମିଟେଡ୍ (ସୋଲ୍) ଅନୁଷ୍ଠାନର ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କୁକୁମିନା ଦାସ, ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ତଥା କାର୍ଯ୍ୟକ୍ରମର ଆବାହକ ଡ. ଅଶାନ୍ତ ରଞ୍ଜନ ରାଉତ, ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍‌ର ନିର୍ଦ୍ଦେଶକ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଶେଷରେ ସହ-ସଂଯୋଜକ ଆସିଷ୍ଟାଣ୍ଟ ପ୍ରଫେସର ଡ. ମୋନାଲିସା ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ନେଇଗଲେ ୩ ଲକ୍ଷ ଟଙ୍କା, ସୁନାଗହଣା

ଚାନ୍ଦବାଲି,୨୨।୩(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଧାମରା ନିକଟସ୍ଥ କଇଥଖୋଲା ପଞ୍ଚାୟତର ଜଗନ୍ନାଥପ୍ରସାଦ ଗ୍ରାମରେ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଘରୁ ସୁନାଗହଣା ଓ ଟଙ୍କା ନେଇଯାଇଥିବା ଧାମରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ସାଢ଼େ ୯ଟା ବେଳେ ୫ଜଣ ଦୁର୍ବୃତ୍ତ ଉକ୍ତ ଗ୍ରାମର ଏସ୍. କେ. ହବୁଙ୍କ ଘରେ ପଶି ତାଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ଏକ ଦଉଡ଼ିରେ ବାନ୍ଧି ଆଇରନ ଚେଷ୍ଟ ଚାବି ମାଗିଥିଲେ। ତାଙ୍କ ସ୍ତ୍ରୀ ଚାବି ନ ଦେବାରୁ ସେମାନେ ତାଙ୍କ ପୁଅ ବେକରେ ଛୁରୀ ଓ ହବୁଙ୍କ ସ୍ତ୍ରୀଙ୍କ ବେକରେ ବନ୍ଧୁକ ଲଗାଇ ଆଇରନ ଚେଷ୍ଟ ଚାବି ଛଡ଼ାଇ ନେଇଥିଲେ। ସେଥିରେ ଥିବା ନଗଦ ୩ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଥିଲେ। ହବୁ ସେମାନଙ୍କୁ ବିରୋଧ କରି କିଛି ସମୟ ଅଟକାଇବା ସହ ଟଣାଓଟରା କରିବାରୁ ଏକ ଜୀବନ୍ତ ଗୁଳି ଖସି ପଡ଼ିଥିଲା। ସେମାନେ ଖସି ପଳାଇଥିଲେ। ଖବର ପାଇ ଧାମରା ପୋଲିସ ପହଞ୍ଚି ଗୁଳି ଜବତ କରିବା ସହ ସହ ତଦନ୍ତ ଚଳାଇଛି। ଏନେଇ ଥାନାରେ ମାମଲା (ନଂ.୨୨/୨୪) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଧାମରା ଥାନା ଅଧିକାରୀ ଶୋଭନ କୁମାର ସ୍ୱାଇଁ କହିଛନ୍ତି।

### ମିଳିମିଳା ଆକ୍ରାନ୍ତ ଗାଁରେ ସ୍ୱାସ୍ଥ୍ୟ ବିଭାଗ ଟିମ୍

ବୈଶିଙ୍ଗା,୨୨।୩(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ମଛପଦା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧୀନ ମଛପଦା, ନୟାବସନ୍ତପୁର, ପାଇକ ଯୁଗପୁରା , ହୋତାପୁର ଆଦି ଗ୍ରାମରେ ମିଳିମିଳା ବ୍ୟାପିଛି। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଖବରପାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୁବନେଶ୍ୱରରୁ ଏକ ବିଶେଷଜ୍ଞ ଟିମ୍ ଆସି ଆକ୍ରାନ୍ତ ସହ ଆଲୋଚନା କରି ଫେରିଯାଇଛନ୍ତି। ଏହି ଟିମ୍‌ରେ ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଆଦିତ୍ୟ ମହାପାତ୍ର, ଡା, ତପନ କୁମାର ପାତ୍ର, ଡବ୍ଲ୍ୟୁଏଚ୍‌ଓ କନସଲ୍‌ଟାଣ୍ଟ ଡା.ସନ୍ତୋଷ କୁମାର ସାହୁ, ରାଜ୍ୟ ଟିକାକରଣ ଅଭିଯାନର ପରିଚାଳକ ରବିଶଙ୍କର ପଟ୍ଟନାୟକ, ଜିଲା ପରିବାର କଲ୍ୟାଣ ବିଭାଗର ଏଡିଏମ୍‌ଓ ଡା. ସୁନନ୍ଦା ମିଶ୍ର, ଡା.ବିଭୁଦତ୍ତ ନାୟକ ପ୍ରମୁଖ ସାମିଲ ଥିଲେ। ତେବେ ଶୁକ୍ରବାରଠାରୁ ଆଗାମୀ ୪ ଦିନ ଧରି ଗ୍ରାମଗୁଡ଼ିକରେ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସିପୁନ କୁମାର ପଣ୍ଡାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ପୁଣି ୧୦ କୋଟି ଟଙ୍କାର ଅଫିମ ଗଛ ନଷ୍ଟ

ବାରିପଦା,୨୨।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରେ ଚାଲିଥିବା ଅଫିମ ଚାଷକୁ ଅବକାରୀ,ବନ ବିଭାଗ ଓ ରାଜସ୍ୱ ବିଭାଗ ଶୁକ୍ରବାର ମିଳିତ ଚଢ଼ାଉ କରି ନଷ୍ଟ କରିଛନ୍ତି। ଦୁଇଟି ସ୍ଥାନରେ ୧୫ ଏକର ଜମିରେ ଚାଷ ହୋଇଥିବା ୫ ଲକ୍ଷ ୨୫ ହଜାର ଅଫିମ ଗଛକୁ କିରୋସିନ ଢାଳି ପୋଡ଼ି ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୦ କୋଟି ୫୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି।

## ନଷ୍ଟ ଗଛ ଧରି କ୍ଷତିପୂରଣ ଦାବିକଲେ ଚାଷୀ

ପରିବା ଚାଷ ଉଜାଡ଼ିଲା ଅଦିନିଆ ବର୍ଷା

ତିହିଡ଼ି,୨୨।୩ (ସଞ୍ଜିତ ବଳ)


ନଷ୍ଟ ହୋଇଥିବା ପରିବା ଗଛକୁ ଧରିଛନ୍ତି କ୍ଷତିଗ୍ରସ୍ତ ଚାଷୀ।

ଅଦିନିଆ ବର୍ଷା ଯୋଗୁ ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ପନିପରିବା ଚାଷ ଉଜୁଡ଼ିଯାଇଛି। ଚାଷୀମାନେ ଶୁକ୍ରବାର ନଷ୍ଟ ହୋଇଯାଇଥିବା ପରିବା ଗଛକୁ ଧରି ଉଦ୍ୟାନ ବିଭାଗ ଓଭରସିୟରଙ୍କୁ ଭେଟିଛନ୍ତି। କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସେମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ପନିପରିବା ଚାଷୀମାନଙ୍କ ମଧ୍ୟରୁ ଅଧିକାଂଶ ଗରିବ ଶ୍ରେଣୀର। ସେମାନେ ବାଇଗଣ, ବିଲାତି, ପୋଟଳ, ଭେଣ୍ଡି, କଲରା, ବୋଇତାଳୁ, ଜହ୍ନି, କାକୁଡ଼ି ଇତ୍ୟାଦି ଚାଷ କରିଥିଲେ। ଏସ୍ଏଚ୍‌ଜି, ସମବାୟ ସମିତି, ଗ୍ରାମ୍ୟ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିଲେ। ଠିକ୍ ଅମଳ ଆରମ୍ଭରୁ ଅଦିନିଆ ବର୍ଷାରେ ପନିପରିବା ଚାଷ ନଷ୍ଟ ହୋଇଯାଇଛି। ଯାହାଦ୍ୱାରା ଋଣ ପରିଶୋଧ ଚିନ୍ତା ସେମାନଙ୍କ ମାନସିକ ଅବସ୍ଥାକୁ ଦୋହଲାଇ ଦେଇଛି। ଏଥିଯୋଗୁ ଭାଗଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇଛି। ନରେନ୍ଦ୍ର ବାରିକ, ନିରାକାର ସେନାପତି, କୁଳମଣି ମଲିକ, ଭାଗବତ ମହାଳିକ, ପ୍ରଭାକର ମହାଳିକ, ରବି ଦାସ, ମୁକ୍ତିକାନ୍ତ ମହାଳିକ, ସୁବାସ ବିଶ୍ୱାଳ, ସନାତନ ବେହେରା, ମହେନ୍ଦ୍ର ସାହୁ, ନିର୍ମଳ ଦାସ ପ୍ରମୁଖ ଚାଷୀ କ୍ଷତିପୂରଣ ଦାବି କରିଛନ୍ତି।

## ଭାଟପଡ଼ା ପଞ୍ଚାୟତରେ ଆଲୋକୀକରଣ ଦୁର୍ନୀତି

### ଦଣ୍ଡିତ ହେବେ ପୂର୍ବତନ ସରପଞ୍ଚଙ୍କ ସମେତ ୫

ଚାନ୍ଦବାଲି,୨୨।୩(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ଭାଟପଡ଼ା ପଞ୍ଚାୟତରେ ଆଲୋକୀକରଣ ଦୁର୍ନୀତିର ତଦନ୍ତ କରି କଟକ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିମଳେନ୍ଦୁ ଶତପଥୀ ଗତ ୧ ତାରିଖରେ ତଦନ୍ତ ରିପୋର୍ଟ ଦାଖଲ କରିଛନ୍ତି। ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭାସ କୁମାର ନାୟକ, ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସର୍ବଶ୍ରୀ ପଟ୍ଟନାୟକ, ଚାନ୍ଦବାଲି ବ୍ଲକ ପୂର୍ବତନ ଗ୍ରାମପଞ୍ଚାୟତ ଅତିରିକ୍ତ ଅଧିକାରୀ ମମତା ବେହେରା, ଯନ୍ତ୍ରୀ ଶଶିକାନ୍ତ ପତିଙ୍କ ସମ୍ପୃକ୍ତ ଠିକା ସଂସ୍ଥା ଜେ ଜି ଏଣ୍ଟରପ୍ରାଇଜେସ୍ ମାଲିକ ଯଶୋବନ୍ତ ପଡିଆରୀଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରାଯାଇଛି। ତଦନ୍ତ ସମୟରେ ୨୨ଜଣ ସ୍ଥାନୀୟ ଲୋକଙ୍କ ନିକଟରୁ ତଥ୍ୟ ସଂଗ୍ରହ ସହ ୫-ଟି କାର୍ଯ୍ୟର ଆଦେଶ ଚିଠି, ମନି ରିଶିପ୍ଟ ବହି, ନିର୍ଦ୍ଦେଶାବଳୀ ନକଲ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି।

ସୂଚନା ଅଧିକାର କର୍ମୀ ନିତ୍ୟାନନ୍ଦ ଦାସ ଉକ୍ତ ଦୁର୍ନୀତି ମାମଲାରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ୨୦୨୨ ଏପ୍ରିଲ ୨୦ ଓ ନଭେମ୍ବର ୧୬ରେ ଦୁଇଥର କ୍ଷେତ୍ରୀୟ ତଦନ୍ତ କରି ୧,୯୨,୧୯୨ ଟଙ୍କା ସମ୍ପୃକ୍ତ ଠିକାସଂସ୍ଥାକୁ ଅଧିକ ପୈଠ ହୋଇଥିବା ସୂଚନା ପାଇଥିଲେ। ଲୋକାୟୁକ୍ତ ଏହାର ତଦନ୍ତ ପାଇଁ ଭଦ୍ରକ ଦୁର୍ନୀତି ନିବାରଣ କାର୍ଯ୍ୟାଳୟକୁ ତଦନ୍ତ ଭାର ହସ୍ତାନ୍ତର କରିଥିଲେ। ପ୍ରକାଶଥାଉ କି, ଆଲୋକୀକରଣ ପାଇଁ ସିଏଫ୍‌ସି ଅନୁଦାନରୁ ମୋଟ ୬ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟ କରାଯାଇଛି। ସୂଚନା ଅଧିକାରରେ ମିଳିଥିବା ତଥ୍ୟ ଅନୁଯାୟୀ ଲାଇଟ ଲଗାଇଥିବା ସଂସ୍ଥା ଜେ.ଜି ଏଣ୍ଟରପ୍ରାଇଜେସ୍, ବାଲିଗାଁ, ଚାନ୍ଦବାଲି ଓ ଏହାର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ବୋଲି ଉଲ୍ଲେଖ ରହିଛି। ହେଲେ ଏପରି ନାମରେ ଚାନ୍ଦବାଲିରେ କୌଣସି ସଂସ୍ଥା ନାହିଁ ବୋଲି ଜଣାପଡ଼ିବା ପରେ ଘଟଣା ବିବାଦକୁ ଆସିଥିଲା।

## ‘ମାଟି, ମଣିଷର କଥା କହେ ମହୋତ୍ସବ’

ବନ୍ତ,୨୨।୩(ହରିନାରାୟଣ ମହାନ୍ତି)


ଆଗରପଡ଼ା ମହୋତ୍ସବର ୫ମ ସାଂସ୍କୃତିକ ସନ୍ଧ୍ୟାରେ ପାଇକ ଆଖଡ଼ା ପରିବେଷଣ।

ଆଗରପଡ଼ା ହେମପଦ୍ମ ଗାଲାକ୍ସିଠାରେ ଚାଲିଥିବା ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ଗୁରୁବାର ଥିଲା ୫ମ ସାଂସ୍କୃତିକ ସନ୍ଧ୍ୟା। ସଭାପତି ତଥା ଆଇନଜୀବୀ ମନୋଜ ରାୟଙ୍କ ସଭାପତିତ୍ୱ ଓ ସମ୍ପାଦକ ହେମନ୍ତ ସିଂହଙ୍କ ମଞ୍ଚ ସଂଯୋଜନାରେ ଏହି ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଜିଲା ପ୍ରତିନିଧି ଶ୍ୱେତପଦ୍ମା ଦାସ ବେହେରା ଯୋଗଦେଇ କହିଥିଲେ, ଆଗରପଡ଼ା ମାଟିରେ କଳା, ସଂସ୍କୃତି ଭରି ରହିଛି। ମହୋତ୍ସବ ମାଟି ଓ ମଣିଷର କଥା କହେ। ମୁଖ୍ୟବକ୍ତା ମୋଗଲ ତାମସାର ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ ଏବଂ ଅନ୍ୟତମ ଅତିଥି ଭାବେ କମିଟିର ସାଂସ୍କୃତିକ ସମ୍ପାଦିକା ମମତା ମହାନ୍ତି, ଉପଦେଷ୍ଟା ହରମୋହନ ପଣ୍ଡା, ସୁବୋଧ ସାହୁ, କୈଳାସ ଚନ୍ଦ୍ର ଧଳ, ସନ୍ତୋଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ଶୁଭେନ୍ଦୁ ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ଗୋପାଳକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଢେଙ୍କାନାଳର ପାଇକ ଆଖଡ଼ା ଓ ମନ୍ଦିରା ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଧାମନଗର,୨୨।୩ (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)


ଘଣ୍ଟେଶ୍ୱର ସାହୁ

ଧାମନଗର ବ୍ଲକ ଦଇପୁର ପଞ୍ଚାୟତ ଜାଗୁଲାଇସାହି ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଘଣ୍ଟେଶ୍ୱର ସାହୁ(୭୯) ଶୁକ୍ରବାର ପୂର୍ବାହ୍ନରେ ପରଲୋକ ହୋଇଛି। ତାଙ୍କ ଦେହ ଅସୁସ୍ଥ ହେବାରୁ ପ୍ରଥମେ ଭଦ୍ରକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଚୁଡ଼ାକୁଟି ଇନ୍ଦ୍ରଗୋବିନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୬୯ରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇ ଦୀର୍ଘବର୍ଷ ଧରି ଦୋବଲ ଏସ୍ଏଜେ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଥିଲେ। କେନ୍ଦୁଝର ଜିଲା ଚମ୍ପୁଆ ସରକାରୀ ଉଚ୍ଚ ବିଦ୍ୟାଳୟରୁ ୨୦୦୭ ଜୁଲାଇରେ ଅବସର ଗ୍ରହଣ କରିଥିଲେ। ପରେ ଧାମନଗର ବ୍ଲକ ବରିଷ୍ଠ ନାଗରିକ ପରିଷଦର ସଭାପତି ଓ ବିଭିନ୍ନ ସଙ୍ଗଠନ ସହ ଜଡ଼ିତ ଥିଲେ। ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଜାଗୁଲାଇସାହିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଦୋବଲ ଏସ୍ଏଜେ ହାଇସ୍କୁଲର ପୁରାତନ ଛାତ୍ର ପ୍ରଶାନ୍ତ ବିଶ୍ୱାଳ, ବିଜୟ ନାୟକ, ସୁବାସ ପଡ଼ିଆରୀ, ବିଶ୍ୱରଞ୍ଜନ ସାମଲ, ରଣଜିତ୍ ମହାନ୍ତି, ନାଗରିକ ମଞ୍ଚର ସଚ୍ଚିକାନ୍ତ ପଣ୍ଡା, ଅନୀଲ ବାରିକ୍, ମହେଶ୍ୱର ସ୍ୱାଇଁ, ରାମଚନ୍ଦ୍ର ସାହୁ, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଟିଲୋ ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧନା



ବନ୍ତ,୨୨।୩(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରିଣୀ ମଞ୍ଜୁଳାବାଳା ନାୟକ, ପୂର୍ବତନ ସିଆର୍‌ସିସି ସୁକାନ୍ତ କୁମାର ବେହେରା, ଜଗତ ଜୀବନ ଜେନା ଓ ଟିଲୋ ଆଞ୍ଚଳିକ ସାଧନକେନ୍ଦ୍ରର ସିଆର୍‌ସିସି ଅଶୋକ କୁମାର ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ରୀତା ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଆର୍‌ସିସି ହରେକୃଷ୍ଣ ଆପଟ, ମୁଖ୍ୟବକ୍ତା ବନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅରୁନ୍ଧତୀ ସେନାପତି, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ସାମଲ ଯୋଗଦେଇ ବିଦାୟୀ ବ୍ଲକ ଶିକ୍ଷାଧିକାରିଣୀ, ୨ ବିଦାୟୀ ସିଆର୍‌ସିସିଙ୍କ ସହ ସିଆର୍‌ସିସି ଦାଶଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନଶିକ୍ଷକ ରମାକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଗଜେନ୍ଦ୍ର କୁମାର ସେଠୀ, ଅରୁଣ କୁମାର ଜେନା, କେଦାରନାଥ ଦାଶ, ଶିକ୍ଷୟିତ୍ରୀ ଗୋଲାପରାଣୀ ରାଉତ, ଉଷାଲତା ମହାପାତ୍ର, କଲ୍ୟାଣୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ମୁନ୍‌ସୀ ମେଳଣରେ ସାଂସ୍କୃତିକ କାର୍ଯ୍ୟକ୍ରମ


ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ,
୨୨।୩ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀବାସୀଙ୍କ ଗଣପର୍ବ ମୁନ୍‌ସୀ ମେଳଣ ପାଇଁ ଗୋଟିଏ ମଞ୍ଚରେ ସବୁ ଦଳର ରାଜନେତା, ପୋଲିସ ଅଧିକାରୀ, ସାମାଜିକ କର୍ମୀ ଏକାଠି ହୋଇଛନ୍ତି। ମେଳଣ ପରିପ୍ରେକ୍ଷୀରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବେହେରା, ଭାଜପା ନେତା ବଦ୍ରିନାରାୟଣ ଧଳ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଡା. ରବୀନ୍ଦ୍ର ନାୟକ, ପୋଲିସ ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ସେଠୀ, ନାରୀନେତ୍ରୀ ସୁଜାତା ଜେନା, ନାଟ୍ୟକାର ସୁଧାଂଶୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ରିଟିଶ ଅମଳରୁ ପାଳନ ହୋଇଆସୁଥିବା ମୁନ୍‌ସୀ ମେଳଣ ଉତ୍ସବ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ବର୍ଷାରାଣୀ ଜେନା, ସମିତିସଭ୍ୟ ବିଷ୍ଣୁଚରଣ ଦାସ, ମେଳଣ କମିଟି ସଭାପତି ଲକ୍ଷ୍ମୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଭରତ ଚନ୍ଦ୍ର କରଣ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟାନନ୍ଦ ମହାପାତ୍ର ଆଭିମୁଖ୍ୟ ରଖିଥିଲେ। ଅନନ୍ତ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ ଓ ମେଳଣ କମିଟି ସମ୍ପାଦକ ତଥା ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## କରଞ୍ଜିଆ ଅମ୍ବିକା ମନ୍ଦିରରୁ ଚୋରି

କରଞ୍ଜିଆ,୨୨।୩(କବିତା ମହାନ୍ତ)

କରଞ୍ଜିଆ ବଜାର ନିକଟରେ ଥିବା ଅମ୍ବିକା ମନ୍ଦିର ଦାନବାକ୍ସ ଭାଙ୍ଗି ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଲୁଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ତେବେ କେତେ ଟଙ୍କାର ସମ୍ପତ୍ତି ଚୋରି ହୋଇଛି କିଛି ଜଣା ପଡ଼ିନାହିଁ। ଶୁକ୍ରବାର ସକାଳୁ ପୂଜକ ମନ୍ଦିର କବାଟ ଖୋଲି ହୁଣ୍ଡିବାକ୍ସ ଭାଙ୍ଗିଦିଆଯାଇଥିବା ଦେଖି ସମ୍ପାଦକଙ୍କୁ ଖବର ଦେଇଥିଲେ। ଏ ସଂକ୍ରାନ୍ତରେ ସମ୍ପାଦକ ଅଶୋକ ଅଗ୍ରୱାଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଭୋଟର ପରିଚୟପତ୍ର ନ ଥିଲେ ବି ଦେଇହେବ ଭୋଟ୍

ଭଦ୍ରକ,୨୨।୩ (ସନାତନ ରାଉତ/ରବିନାରାୟଣ ଖିଲାର)

ଆଗାମୀ ସାଧାରଣ ନିର୍ବାଚନରେ ଭୋଟର ତାଲିକାରେ ନାମ ଥାଇ ଭୋଟର ପରିଚୟପତ୍ର ନ ଥିଲେ ମଧ୍ୟ ଭୋଟ୍ ଦେଇ ହେବ। ଭଦ୍ରକ ଜିଲାର ୫ ବିଧାନସଭା ଓ ଗୋଟିଏ ଲୋକ ସଭା ଆସନ ପାଇଁ ଆସନ୍ତା ଜୁନ୍ ୧ରେ ମତଦାନ ହେବ। ଭୋଟରମାନେ ଭୋଟର ପରିଚୟପତ୍ର ସାଙ୍ଗରେ ନେଇ ମତଦାନ କେନ୍ଦ୍ରକୁ ଯିବେ। ଭୋଟର ପରିଚୟପତ୍ର ନ ଥିଲେ ନିର୍ବାଚନ ଆୟୋଗ ଦ୍ୱାରା ସୂଚିତ ଆଧାର କାର୍ଡ, ଜବ୍‌କାର୍ଡ, ବ୍ୟାଙ୍କ ଓ ପୋଷ୍ଟାଲ ପାସବୁକ୍, ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାନ୍‌କାର୍ଡ, ଦିବ୍ୟାଙ୍ଗ ପରିଚୟପତ୍ର ଆଦି ଅନ୍ୟ ୧୨ଟି ବିକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପରିଚୟପତ୍ର ଦେଖାଇ ଭୋଟ୍ ଦେଇପାରିବେ ବୋଲି ଜିଲା ନିର୍ବାଚନ ଅଧିକାରୀ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ଗତ ଜାନୁଆରୀ ୫ରେ ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ ଜିଲାରେ ୧୨,୬୪,୨୨୦ ଜଣ ଭୋଟର ଅଛନ୍ତି।

## କୃଷ୍ଣଚରଣ ବିଦ୍ୟାମନ୍ଦିରକୁ ବନୀକରଣ ପୁରସ୍କାର

ଆଗରପଡ଼ା,୨୨।୩ (ସୁଶାନ୍ତ ଦାଶ)

ଭଦ୍ରକସ୍ଥିତ ସାତଭଉଣୀ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ବିଶ୍ୱ ବନ ଦିବସ ପାଳନ ଅବସରରେ ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିରକୁ ବନୀକରଣ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଦିବସ ପରିପ୍ରେକ୍ଷୀରେ ଅନୁଷ୍ଠିତ ଜିଲାସ୍ତରୀୟ ଉତ୍ସବରେ ବନଖଣ୍ଡ ଅଧିକାରୀ ସୌଭାଗ୍ୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଉପ ବନ ସଂରକ୍ଷକ ସୁମିତ ମହାନ୍ତି, ମଧୁସ୍ମିତା ଦାସ, ଅତିରିକ୍ତ ଏସ୍‌ପି ବାମଦେବ ସିଂହ, ୱାଇଲ୍ଡ ଲାଇଫ୍ ମେମ୍ବର ସୁଧୀର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିରକୁ ଜିଲାର ଶ୍ରେଷ୍ଠ ପରିବେଶ ଓ ବନୀକରଣ ପାଇଁ ପୁରସ୍କୃତ କରାଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ଶରତ କୁମାର ଜେନା ଓ ଇକୋ କ୍ଲବ ସମ୍ପାଦକ ଶିକ୍ଷକ ଅଶୋକ କୁମାର ଖିଲାରଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା।

## ସାହିତ୍ୟ ସମାଜକୁ ଠିକ୍ ଦିଗ୍‌ଦର୍ଶନ ଦିଏ

ବାସୁଦେବପୁର,୨୨।୩
(ନାରାୟଣ ପ୍ରସାଦ ବାରିକ୍)


ସିଦ୍ଧେଶ୍ୱର ସାହିତ୍ୟ ସଂସ୍କୃତି ପରିଷଦର ମୁଖପତ୍ର ‘ସ୍ମୃତି ସ୍ୱାକ୍ଷର’ ଉନ୍ମୋଚନ କରାଯାଉଛି।

ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଞ୍ଚାୟତ ସଭାଗୃହରେ ସିଦ୍ଧେଶ୍ୱର ସାହିତ୍ୟ ସଂସ୍କୃତି ପରିଷଦର ୭ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଉମାକାନ୍ତ ମଲିକ ସଭାକୁ ଉଦ୍‌ଘାଟନ କରିଥିଲେ। ପରିଷଦର ସଭାପତି ସୁଦର୍ଶନ ଅଗସ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଡ. ଗଙ୍ଗାଧର ମିଶ୍ର ଯୋଗଦେଇ ସାହିତ୍ୟ ସମାଜକୁ ସଠିକ୍ ଦିଗ୍‌ଦର୍ଶନ ଦେବା ସହ ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଭରତ ଚନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ମହାଳିକ, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ସାହିତ୍ୟର ସ୍ୱାଦ ଖୁବ୍ ନିଆରା ବୋଲି କହିଥିଲେ। ପରିଷଦର ବାର୍ଷିକ ମୁଖପତ୍ର ‘ସ୍ମୃତି ସ୍ୱାକ୍ଷର’ ଉନ୍ମୋଚନ କରାଯାଇଥିଲା। ସେହିପରି ଭାଗୀରଥି ପାଣିଗ୍ରାହୀଙ୍କ ‘କୃଷ୍ଣ ବନ୍ଦେ ଜଗତଗୁରୁ’, ସୁଦର୍ଶନ ଅଗସ୍ତିଙ୍କ ଲିଖିତ ‘ଏହି ସହକାର ତଳେ’, ବୈକୁଣ୍ଠ ଦାସଙ୍କ ‘ତୋ ପାଦେ ଗଲି ଶରଣ’ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଡ. ସୁମିତ୍ରା ମିଶ୍ର, ବରିଷ୍ଠ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଓଡ଼ିଶୀ ନୃତ୍ୟଶିଳ୍ପୀ ସମୀର କୁମାର ପାଣିଗ୍ରାହୀ, କବି ଶିବପ୍ରସାଦ ଦାଶ, ପୂର୍ବତନ ପ୍ରଧାନଶିକ୍ଷକ ଭଗବାନ ଚନ୍ଦ୍ର ମିଶ୍ର ଓ ଶ୍ୟାମସୁନ୍ଦର ପଳିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସମ୍ପାଦକ ଶଶାଙ୍କ ଶେଖର ସାହୁ ବିବରଣୀ ପାଠ କରିଥିଲେ। ପରେ ମନ୍ମଥ କୁମାର ଅଗସ୍ତି ଓ କବି ରତ୍ନାକର ପଣ୍ଡାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ବିକାଶ ଚନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଞ୍ଜୟ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ‘ଯୁବ ନେତୃତ୍ୱ ଦ୍ୱାରା ରାଷ୍ଟ୍ରର ବିକାଶ ତ୍ୱରାନ୍ୱିତ ହେବ’

ଧାମନଗର, ୨୨।୩
(ଦେବେନ୍ଦ୍ର ଆନ୍ଦିଆ)


ଯୁବ ନେତୃତ୍ୱ ସମ୍ମିଳନୀରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଭାଜପା କାର୍ଯ୍ୟକର୍ତ୍ତା।

ଧାମନଗର ବ୍ଲକ ବାୟାଙ୍ଗଡିହୀ ପଞ୍ଚାୟତର ନୂଆହାଟ ମେଳଣ ପଡ଼ିଆରେ ଭାଜପା ପକ୍ଷରୁ ଧାମନଗର ବିଧାନସଭା କ୍ଷେତ୍ରସ୍ତରୀୟ ଯୁବ ନେତୃତ୍ୱ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରି ଯୁବପିଢ଼ି ସେମାନଙ୍କ ପ୍ରତିଭାର ପରିଚୟ ଦେଇ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଲେ ରାଷ୍ଟ୍ରର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି କହିଥିଲେ। ଯୁବନେତା ଶୁଭେନ୍ଦୁ କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ଯୁବମୋର୍ଚ୍ଚାର ଧାମନଗର ବିଧାନସଭା ପ୍ରଭାରୀ ପ୍ରଣୟ ପ୍ରସନ୍ନ ମହାପାତ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ଦେବାଂଶୁ ରାଉତ, ଯୁବମୋର୍ଚ୍ଚା ଶହୀଦ ମଣ୍ଡଳ ସଭାପତି ରଜତ ଲେଙ୍କା, ମୁକୁନ୍ଦଦେବ ମଣ୍ଡଳ ସଭାପତି ରଞ୍ଜିତ ସାହୁ, ଧାମନଗର ଗ୍ରାମୀଣ ମଣ୍ଡଳ ସଭାପତି ଅନନ୍ତ ବେହେରା, ଧୂଷୁରୀ ମଣ୍ଡଳ ସଭାପତି ରଜନୀକାନ୍ତ ମିଶ୍ର, କାନ୍ତକବି ମଣ୍ଡଳ ସଭାପତି ଯଜ୍ଞ ପ୍ରସାଦ ପତି, ଗୌରାଙ୍ଗ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ୪୪ ପଞ୍ଚାୟତ ଏବଂ ଧାମନଗର ନଗର ପ୍ରମୁଖ ପଦାଧିକାରୀମାନଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଧାମନଗର ଗ୍ରାମୀଣ ମଣ୍ଡଳ ଯୁବମୋର୍ଚ୍ଚାର ଉପସଭାପତି ତପନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶତାଧିକ ଭାଜପା ଯୁବ କାର୍ଯ୍ୟକର୍ତ୍ତାଙ୍କ ସମେତ ତିହିଡ଼ି ଓ ଧାମନଗର ବ୍ଲକର ବରିଷ୍ଠ ନେତୃମଣ୍ଡଳୀ ସମ୍ମିଳନୀରେ ଯୋଗ ଦେଇଥିଲେ।

# ‘ବାଘୁଣୀ ଇଚ୍ଛାରେ ବଢ଼େ ବାଘ ବଂଶ’

ବାରିପଦା,୨୨।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ସଂଖ୍ୟା ବୃଦ୍ଧି ପାଇବା ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏନ୍‌ଟିସିଏ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଶିମିଳିପାଳରେ ମହାବଳ ସଂଖ୍ୟା ବଢ଼ିଛି। ଏନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ଓ ବନ ବିଭାଗ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି। ତେବେ ବାଘବଂଶ ବୃଦ୍ଧିରେ ବାଘୁଣୀର ଅବଦାନ ଅତୁଳନୀୟ ବୋଲି ବାରିପଦା କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି। ବାଘୁଣୀ ଇଚ୍ଛା କଲେ ବାଘ ବଂଶ ବଢ଼ିଥାଏ ବୋଲି ସେ ପ୍ରକାଶ କରିଛନ୍ତି।

ଗୋଗିନେନିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୦୪ରେ ଶିମିଳିପାଳରେ ମାତ୍ର ୪ଟି ମହାବଳ ବାଘ ଥିଲେ। ସେଥିମଧ୍ୟରୁ ୩ଟି ବାଘୁଣୀ ଥିବା ବେଳେ ଗୋଟିଏ କଳା ଅଣ୍ଡିରା ବାଘ ଥିଲା। ବଂଶବୃଦ୍ଧି ନିମନ୍ତେ କଳା ଅଣ୍ଡିରା ବାଘ ସହିତ ବାଘୁଣୀର ମିଳନ ପରେ ମିଲେନାଷ୍ଟିକ ବାଘ ଛୁଆ ଜନ୍ମ ନେଇଥିଲେ। ବର୍ତ୍ତମାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ୨୭ ମହାବଳ ବାଘ ରହିଥିବା ଗଣନାରୁ ଜଣାପଡ଼ିଛି। ସେଥିମଧ୍ୟରୁ ୧୪ଟି ବାଘୁଣୀ ଅଛନ୍ତି। ୫ବାଘୁଣୀ ଛୁଆ ଜନ୍ମ କରିଛନ୍ତି। ୨ଟି ମିଲେନାଷ୍ଟିକ ପ୍ରଜାତିର ବାଘ ରହିଛନ୍ତି। ତେବେ ପ୍ରତି ବାଘର ଆୟୁଷ ୧୪ରୁ ୧୬ବର୍ଷ ହୋଇଥାଏ। ବାଘ ବୁଢ଼ା ହେବା ପରେ ତା’ର ଶିକାର କରିବାର ଶକ୍ତି କମି କମି ଯିବା ସହିତ ଲଢ଼େଇ କରିବାର କ୍ଷମତା ହରାଇଥାଏ। ଫଳରେ ଅନ୍ୟ ବାଘ ସହିତ ଲଢେଇ କରି ଶେଷରେ ହାରିଯାଇ ନିଜେ ଶିକାର ହୋଇଯାଇଥାଏ। ଯେତେବେଳ ପର୍ଯ୍ୟନ୍ତ ବାଘୁଣୀଟି ନିଜ ଛୁଆର ସୁରକ୍ଷା, ନିର୍ଭୟ ସ୍ଥାନ, ନିଶବ୍ଦ ଅଞ୍ଚଳ, ଉପଯୁକ୍ତ ବାସସ୍ଥଳୀ ଓ ସହଜ ଖାଦ୍ୟ ଅନ୍ୱେଷଣ ଭଳି ସ୍ଥାନ ପାଇ ନ ଥାଏ, ସେତେବେଳ ପର୍ଯ୍ୟନ୍ତ ଅଣ୍ଡିରା ବାଘ ସହିତ ସମ୍ପର୍କ ସ୍ଥାପନ କରି ନ



ଥାଏ। କାରଣ ଛୁଆ ଜନ୍ମ ହେବା ମାତ୍ରେ ଅଣ୍ଡିରା ବାଘ ସେହି ଛୁଆଙ୍କୁ ମାରି ପୁନର୍ବାର ବାଘୁଣୀ ସହିତ ସମ୍ପର୍କ ସ୍ଥାପନ କରିବାକୁ ଇଚ୍ଛା ପ୍ରକାଶ କରିଥାଏ। କୌଣସି କାରଣରୁ ଛୁଆଙ୍କ ମୃତ୍ୟୁ ହେଲେ ୬ମାସ ଅନ୍ତରରେ ବାଘୁଣୀ ଜନ୍ମ କରିବାକୁ ଇଚ୍ଛା କରିଥାଏ। ମାତ୍ର ଥରେ ବାଘୁଣୀ ଗର୍ଭବତୀ ହେବା ପରେ ଅଣ୍ଡିରା ବାଘକୁ ନିଜ ପାଖକୁ ଆସିବାକୁ ଦେଇ ନ ଥାଏ। ବାଘୁଣୀ ଛୁଆ ଜନ୍ମ କରିବା ପରେ ଅଣ୍ଡିରା ବାଘ କିମ୍ବା ହିଂସ୍ର ଜନ୍ତୁଙ୍କ ଭୟ ଥାଏ। ଖାଦ୍ୟ ଅନ୍ୱେଷଣରେ ବାଘୁଣୀ ଯିବା ସମୟରେ ଛୁଆମାନଙ୍କୁ ନିଛାଟିଆ ଘଞ୍ଚ ସ୍ଥାନ କିମ୍ବା ପଥର ଗୁମ୍ଫାରେ ରଖିଯାଇଥାଏ। ନିକଟରେ ଏବଂ ସହଜରେ ହରିଣ, ଶମ୍ବର, କୁଟୁରା, ବାର୍‌ହା ଭଳି ଜନ୍ତୁକୁ ଶିକାର କରି ଫେରିବା ପରେ ନିଜେ ଖାଇବା ସହ ଛୁଆମାନଙ୍କୁ ଖାଦ୍ୟ ଖୁଆଇଥାଏ। ସେହିପରି ଉପଯୁକ୍ତ ପାଣିପାଗରେ ଛୁଆମାନେ କିପରି ତିଷ୍ଠି ରହିପାରିବେ ସେନେଇ ବାଘୁଣୀ ସୁରକ୍ଷିତ ଅଞ୍ଚଳ ବାଛିଥାଏ। ଛୁଆ ଜନ୍ମ ହେବା ପରେ ଉକ୍ତ ଅଞ୍ଚଳକୁ କୌଣସି ଅଣ୍ଡିରା କିମ୍ବା ମାଈ ବାଘକୁ ପ୍ରବେଶ କରିବାକୁ ଦେଇ ନ ଥାଏ। ଛୁଆ ବଡ଼ ହୋଇ ଆତ୍ମରକ୍ଷାର କୌଶଳ ଓ ଶିକାର ଶିଖିବା ପର୍ଯ୍ୟନ୍ତ ବାଘୁଣୀଟି ପୁନର୍ବାର ମା’ ହେବାକୁ ଇଚ୍ଛା କରି ନ ଥାଏ। ୨/୪ ବର୍ଷରେ ଥରେ ବାଘୁଣୀ ଛୁଆ ଜନ୍ମ କରିଥାଏ। ଏକ ବର୍ଷ ଛୁଆମାନଙ୍କୁ ସାଥୀରେ ଧରି ସୁରକ୍ଷା ଯୋଗାଇ ଆସିଥାଏ। କୌଣସି ଛୁଆ ଦୁର୍ବଳ ହୋଇଥିଲେ ବାଘୁଣୀ ତାହାକୁ ଅଣଦେଖା କରିଥାଏ। ଗୋଟିଏ ଛୁଆ ପାଇଁ ଅନ୍ୟ ଛୁଆଙ୍କର ଯେମିତି ମୃତ୍ୟୁ ନ ହେଉ ସେଥିପାଇଁ ଗୋଠଛଡ଼ା କରିଦେଇଥାଏ। ୩ ମାସ ପର୍ଯ୍ୟନ୍ତ ବାଘ ଛୁଆ ମା’ କ୍ଷୀର ଖାଇ ବଞ୍ଚିବା ପରେ ମାଂସାଶୀ ହୋଇଥାନ୍ତି।

ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ସଂଘର୍ଷମୟ ଜୀବନ ବିତାଉଥିବା ବାଘ ବଂଶବୃଦ୍ଧିରେ ଶିକାରୀଙ୍କ ଅନୁପ୍ରବେଶକୁ ରୋକ ଲଗାଯିବା ନିତାନ୍ତ ଆବଶ୍ୟକ। ଆଭ୍ୟନ୍ତରୀଣ ଅଞ୍ଚଳରେ ସମସ୍ତ ପ୍ରକାର ଜୀବଜନ୍ତୁଙ୍କ ସୁରକ୍ଷା ଓ ଯତ୍ନ ନିଆଯାଇପାରିଲେ ବାଘ ବଂଶ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

## ନୂତନ ପିସିସି ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



ପ୍ରଭାସକର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ମୋରଡ଼ା,୨୨।୩(ସ୍ମାରକ ମାଜୀ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ସାଙ୍ଗଠନିକ ସ୍ତରରେ ନୂତନ ପଦ ପଦବୀରେ ନିଯୁକ୍ତି ଦିଆଯାଇଛି। ମୟୂରଭଞ୍ଜ ଜିଲାର ବରିଷ୍ଠ କଂଗ୍ରେସ ନେତା ତଥା ମୋରଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ର ଏବଂ ବରିଷ୍ଠ କଂଗ୍ରେସ ନେତା ଅଜୟ କୁମାର ମହାପାତ୍ରଙ୍କୁ ନୂତନ ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ମୋରଡା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସହିତ ଜଡିତ ଥିବା ପ୍ରଭାସକର ମହାପାତ୍ରଙ୍କୁ ଏହି ପଦବୀ ଦିଆଯାଇଥିବାରୁ ମୋରଡ଼ା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ ଏବଂ ଆଗ ଧାଡ଼ିର କଂଗ୍ରେସ କର୍ମୀମାନେ ପିସିସି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ରାସଗୋବିନ୍ଦପୁର ବ୍ଲକର ଆଗଧାଡିର କଂଗ୍ରେସ ନେତା ପ୍ରଦୀପ ଦାସ ମଧ୍ୟ ନୂତନ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ନବନିଯୁକ୍ତ ସାଧାରଣ ସମ୍ପାଦକଙ୍କୁ ମୋରଡା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ, ଘାସିରାମ ବେହେରା, ରାଜେଶ କୁମାର ପଢ଼ୀହାରୀ, ଶଶଧର ବେହେରା, ଯୋଗେନ୍ଦ୍ରନାଥ ମହାନ୍ତି, କୃଷ୍ଣଚନ୍ଦ୍ର ମାର୍ଣ୍ଡି, ସଭାକର ମୁଖୀ, ନିରଞ୍ଜନ ଦାସ, ମୋହନ ଦାସ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

## ସଂକ୍ଷେପରେ

### ପୋଡ଼ି ହୋଇ ମହିଳାଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୨୨।୩(ଶାନ୍ତନୁ କୁମାର ମଣ୍ଡୁଆଳ)- ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଖଡିକାପଦା ଗ୍ରାମର ଜଣେ ବିବାହିତ ମହିଳା ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇଛନ୍ତି। ମୃତ ମହିଳା ଜଣକ ହେଲେ ପ୍ରଦୀପ ମୁଖୀଙ୍କ ସ୍ତ୍ରୀ ସବିତା। ସୂଚନା ଅନୁଯାୟୀ, ପ୍ରଦୀପ ୨୦୨୩ରେ ଉଦଳା ଅଞ୍ଚଳର ରବିନ୍ଦ୍ର ମୁଖୀଙ୍କ ଝିଅ ସବିତାଙ୍କୁ ବିବାହ କରିଥିଲେ। ଗତ ୧୧ ତାରିଖରେ ଶାଶୁ ଘର ଲୋକେ ଅଧିକ ଯୌତୁକ ପାଇଁ ସବିତାଙ୍କ ଦେହରେ ନିଆଁ ଲଗାଇ ମାରି ଦେବାକୁ ଉଦ୍ୟମ କରିଥିଲେ ବୋଲି ତାଙ୍କ ମାଆ ସରସ୍ୱତୀ ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ. ୧୦୦/୨୪) ରୁଜୁ କରିଛି। ତେବେ ସବିତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପ୍ରଥମେ ଉଦଳା ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ଗୁରୁବାର ସେଠାରେ ତାଙ୍କର ମୃତ୍ୟୁ ହୋଇଛି।

### କରଞ୍ଜିଆ ଅମ୍ବିକା ମନ୍ଦିରରୁ ଚୋରି

କରଞ୍ଜିଆ,୨୨।୩(କବିତା ମହାନ୍ତ)- କରଞ୍ଜିଆ ବଜାର ନିକଟରେ ଥିବା ଅମ୍ବିକା ମନ୍ଦିର ଦାନବାକ୍ସ ଭାଙ୍ଗି ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଲୁଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ତେବେ କେତେ ଟଙ୍କାର ସମ୍ପତ୍ତି ଚୋରି ହୋଇଛି କିଛି ଜଣା ପଡ଼ିନାହିଁ। ଶୁକ୍ରବାର ସକାଳୁ ପୂଜକ ମନ୍ଦିର କବାଟ ଖୋଲି ହୁଣ୍ଡି ବାକ୍ସ ଭାଙ୍ଗି ଦିଆଯାଇଥିବା ଦେଖି ସମ୍ପାଦକଙ୍କୁ ଖବର ଦେଇଥିଲେ। ଏ ସଂକ୍ରାନ୍ତରେ ସମ୍ପାଦକ ଅଶୋକ ଅଗ୍ରୱାଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ଫେରାର ଅଭିଯୁକ୍ତ ଗିରଫ

ବୈଶିଙ୍ଗା,୨୨।୩(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କାଣ୍ଡି ସାପ୍ତାହିକ ହାଟରେ କଳମା ଗ୍ରାମର ବୃନ୍ଦାବନ ଦଲେଇ (୪୦)ଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ଅଭିଯୁକ୍ତଜଣକ ହେଲେ ସେକ ଟୁଙ୍ଗୁରୁ।

ସୂଚନା ଅନୁଯାୟୀ, ବୃନ୍ଦାବନ ମାଛ ବିକ୍ରି କରୁଥିବାବେଳେ ସେକ ଟୁଙ୍ଗୁରୁ ମାଛ କିଣିବାକୁ ତାଙ୍କ ପାଖକୁ ଆସିଥିଲେ। ପରେ ମାଛ ଦରକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସେକ ଟୁଙ୍ଗୁରୁ ଉତ୍କ୍ଷିପ୍ତ ହୋଇ ବୃନ୍ଦାବନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ପ୍ରବଳ ମାଡ଼ ମାରିଥିଲେ। ପରେ ପାଖରେ ଥିବା ଏକ କଟୁରିରେ ବୃନ୍ଦାବନଙ୍କୁ ହାଣିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ନେଇଥିଲେ। ବୃନ୍ଦାବନଙ୍କ ଆଖିରେ ଗଭୀର ଆଘାତ ଲାଗିଥିଲା। ଏନେଇ ସେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେକ ଟୁଙ୍ଗୁରୁ ଘଟଣାସ୍ଥଳରୁ କୌଶଳକ୍ରମେ ଚମ୍ପଟ ମାରି ଫେରାର ଥିଲେ। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଏଏସ୍‌ଆଇ ସୁବ୍ରତ ସାହୁ ସୂଚନା ଦେଇଛନ୍ତି।

## ଉଦଳା ଡାକ୍ତରଖାନା ପରିସରରେ ଚାରାରୋପଣ



ଡାକ୍ତରଖାନା ପରିସରରେ ଚାରା ରୋପଣ କରାଯାଉଛି।

ଉଦଳା,୨୨।୩(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଉପଖଣ୍ଡସ୍ତରୀୟ ଡାକ୍ତରଖାନା ପରିସରରେ ଶୁକ୍ରବାର ଚାରାରୋପଣ କରାଯାଇଛ। ଉଦଳା ବ୍ଲକ ତେଲଦିହୁଡି ବାବା ମଙ୍ଗଳେଶ୍ୱର ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ରେଞ୍ଜରର୍ସ ବିଭାଗର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଗିରିଜା ଶଙ୍କର ପାତ୍ର, ରେଞ୍ଜରର୍ସ ବିଭାଗର ସଂଯୋଜିକା ଲକ୍ଷ୍ମୀପ୍ରିୟା ସାମଲ, ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ କୁଳମଣି ବେହେରା, ନାଗପାଳ ନୂଆସାହି ବନ କମିଟି ସଭାପତି ସିଦ୍ଧେଶ୍ୱର ଭଞ୍ଜବାବୁ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀକାନ୍ତ ପତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷକରି ବଉଳ, ଅଁଳା, ଡାଳିମ୍ବ, ପିଜୁଳି, ଆତ ଏବଂ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ଆଗାମୀ ଦିନରେ ଚାରାରୋପଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ପ୍ରକୃତି ମିତ୍ର ବେହେରା ସୂଚନା ଦେଇଛନ୍ତି।

## ଚକ୍ଷୁ ପରୀକ୍ଷା ଶିବିର

ବାଲିଆପାଳ, ୨୨।୩(ଗୋପାଳ ଚନ୍ଦ୍ର ସାହୁ)-ବାଲିଆପାଳ ବ୍ଲକ ଇକଡ଼ପାଳ ଗ୍ରାମର ଶିବ ମନ୍ଦିର ସମ୍ମୁଖରେ ଶୁକ୍ରବାର ବିହଙ୍ଗ ସେଚ୍ଛାସେବୀ ଅନୁଷ୍ଠାନ ଏବଂ ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ୭୦ ଜଣ ମହିଳା ଓ ପୁରୁଷ ଚକ୍ଷୁ ପରୀକ୍ଷା କରିଥିଲେ। ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ପାଇଁ ୫ଜଣଙ୍କୁ ଜଳେଶ୍ୱର ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଭୋଗରାଇ ବ୍ଲକ ରସଲପୁର ପଞ୍ଚାୟତ କାର୍ଯ୍ୟାଳୟ ଏବଂ ନଚିନ୍ଦା ବାତ୍ୟାଶ୍ରୟସ୍ଥଳୀରେ ଅନୁଷ୍ଠାନ ପକ୍ଷରୁ ୧୧୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୮ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ପଠାଯାଇଛି। ପ୍ରକଳ୍ପ ମୁଖ୍ୟ ନିମାଇଁ ଚରଣ ପ୍ରଧାନ ତଥା ସୁଧାଂଶୁ ଶେଖର ମହାଳିକ, ମାନସ କୁମାର ସାହୁ, ସସ୍ମିତା ପାତ୍ର ଏବଂ ସୁକାନ୍ତିରାଣୀ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ମିଳିମିଳା ଆକ୍ରାନ୍ତ ଗାଁରେ ସ୍ୱାସ୍ଥ୍ୟ ବିଭାଗ ଟିମ୍

ବୈଶିଙ୍ଗା,୨୨।୩(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ମଛପଦା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧୀନ ମଛପଦା, ନୟାବସନ୍ତପୁର, ପାଇକ ଯୁଗପୁରା , ହୋତାପୁର ଆଦି ଗ୍ରାମରେ ମିଳିମିଳା ବ୍ୟାପିଛି। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଖବରପାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୁବନେଶରରୁ ଏକ ବିଶେଷଜ୍ଞ ଟିମ୍ ଆସି ଆକ୍ରାନ୍ତ ସହ ଆଲୋଚନା କରି ଫେରିଯାଇଛନ୍ତି। ଏହି ଟିମ୍‌ରେ ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଆଦିତ୍ୟ ମହାପାତ୍ର, ଡା, ତପନ କୁମାର ପାତ୍ର, ଡବ୍ଲ୍ୟୁଏଚ୍‌ଓ କନସଲ୍‌ଟାଣ୍ଟ ଡା.ସନ୍ତୋଷ କୁମାର ସାହୁ, ରାଜ୍ୟ ଟିକାକରଣ ଅଭିଯାନର ପରିଚାଳକ ରବିଶଙ୍କର ପଟନାୟକ, ଜିଲା ପରିବାର କଲ୍ୟାଣ ବିଭାଗର ଏଡିଏମ୍‌ଓ ଡା. ସୁନନ୍ଦା ମିଶ୍ର, ଡା.ବିଭୁଦତ୍ତ ନାୟକ ପ୍ରମୁଖ ସାମିଲ ଥିଲେ। ତେବେ ଶୁକ୍ରବାରଠାରୁ ଆଗାମୀ ୪ ଦିନ ଧରି ଗ୍ରାମଗୁଡ଼ିକରେ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସିପୁନ କୁମାର ପଣ୍ଡାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରାର୍ଥୀ ମନୋନୟନ ଲାଗି ଭାଜପାର ମାନସ ମନ୍ଥନ

ଜଳେଶ୍ୱର, ୨୨।୩(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ଗୋବରଘଟା ପଞ୍ଚାୟତର ଚନ୍ଦନାଠାରେ ଏକ ଘରୋଇ କଲ୍ୟାଣମଣ୍ଡପରେ ଭାଜପା ବହୁ କର୍ମକର୍ତ୍ତାଙ୍କୁ ନେଇ ପ୍ରାର୍ଥୀ ତାଲିକା ଚୂଡାନ୍ତ ଲାଗି ଏକ ଆଲୋଚନାଚକ୍ର ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମ୍ପାଦକ ପର୍ଶୁରାମ ପରିଡା ସଭାପତିତ୍ୱ କରିଥିଲେ। ଏମ୍‌ପି ପ୍ରତାପ ଷଡଙ୍ଗୀ ଏଥିରେ ଯୋଗ ଦେଇ ଭାଜପା ଏକ ଶୃଙ୍ଖଳିତ ଦଳ ଏବଂ ଉଚ୍ଚ ନେତୃବୃନ୍ଦଙ୍କ ସିଦ୍ଧାନ୍ତକୁ କର୍ମୀ ଓ ନେତୃବୃନ୍ଦ ମାନି କାର୍ଯ୍ୟ କରନ୍ତି ବୋଲି କହିଥିଲେ। ତେଣୁ ନିର୍ବାଚନରେ ସର୍ବେକ୍ଷଣ ଦ୍ୱାରା ନିର୍ଣ୍ଣୟ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଯେ



ସମ୍ମିଳନୀରେ ଏମ୍‌ପି ପ୍ରତାପ ଷଡଙ୍ଗୀ, ଅନ୍ୟ ଭାଜପା କର୍ମକର୍ତ୍ତା।

କେହି ପ୍ରାର୍ଥୀ ହେଲେ ମଧ୍ୟ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସଂଯୋଜକ ଶୁଭଙ୍କର ମହାପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ସଂଯୋଜକ ଆଶୁତୋଷ ପଣ୍ଡା, ନିର୍ବାଚନୀ ସଂଯୋଜକ ଶାନ୍ତନୁ ପଟ୍ଟନାୟକ, ଜିଲା ଉପସଭାପତି ପ୍ରବୀର ପ୍ରଧାନ, ଦିବ୍ୟକାମ ମହାନ୍ତି, ବ୍ରଜମୋହନ ପ୍ରଧାନ, ଇଂ ରତ୍ନାକର ରାୟ, ସମୀର ପାତ୍ର, ସିଦ୍ଧାର୍ଥ ଶଙ୍କର ପାଳ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ବହୁ କର୍ମୀ ଓ ନେତୃବୃନ୍ଦ ଯୋଗ ଦେଇଥିଲେ।

## ପୁଣି ୧୦ କୋଟି ଟଙ୍କାର ଅଫିମ ଗଛ ନଷ୍ଟ

ବାରିପଦା,୨୨।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରେ ଚାଲିଥିବା ଅଫିମ ଚାଷକୁ ଅବକାରୀ,ବନ ବିଭାଗ ଓ ରାଜସ୍ୱ ବିଭାଗ ଶୁକ୍ରବାର ମିଳିତ ଚଢ଼ାଉ କରି ନଷ୍ଟ କରିଛନ୍ତି। ଦୁଇଟି ସ୍ଥାନରେ ୧୫ ଏକର ଜମିରେ ଚାଷ ହୋଇଥିବା ୫ ଲକ୍ଷ ୨୫ ହଜାର ଅଫିମ ଗଛକୁ କିରୋସିନ ଢାଳି ପୋଡ଼ି ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୦ କୋଟି ୫୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ବେଳେ ଚାଷରେ ସମ୍ପୃକ୍ତ ଥିବା କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ।

ସୂଚନାଯୋଗ୍ୟ, ଶିମିଳିପାଳ ସଂଲଗ୍ନ ଅସ୍ତଝରଣ ପଞ୍ଚାୟତ ଲେମ୍ବୁଝରଣ ଓ ସାରୁଦା ଅଞ୍ଚଳରେ ଅଫିମ ଚାଷ ହୋଇଥିବା ଖବର ପାଇ ଜିଲା ଅବକାରୀ ଏସ୍‌ପି ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶ କ୍ରମେ ରାଇରଙ୍ଗପୁର ଅବକାରୀ ଉପ ଅଧୀକ୍ଷକ ସୌମ୍ୟ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଅବକାରୀ ଉପ ଅଧିକ୍ଷକ ତପସ୍ୱୀନୀ ନାଏକ, ମୋବାଇଲ ଇନ୍ସପେକ୍ଟର ଶ୍ରୀଧର ମହାନ୍ତି, କରଞ୍ଜିଆ ରେଞ୍ଜ ଅଧିକାରୀ ଭକ୍ତ ବତ୍ସଳ ବର୍ମା, ରାଇରଙ୍ଗପୁର ରେଞ୍ଜ ଇନ୍ସପେକ୍ଟର ବିନୟ ତିର୍କୀ ଓ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ମିଶି ମୋଟ ୮୭ ଜଣ କର୍ମଚାରୀ ଚଢାଉ କରିଥିଲେ। କରଞ୍ଜିଆ ଅତିରିକ୍ତ-ତହସିଲଦାର ନିତ୍ୟାନନ୍ଦ ସେଠୀଙ୍କ ଉପସ୍ଥିତିରେ ଅଫିମ ଗଛ ନଷ୍ଟ କରାଯାଇଥିଲା।

## ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମରଣଯନ୍ତା

ନୀଳଗିରି, ୨୨।୩
(ପ୍ରଶାନ୍ତ ବିଶ୍ୱାଳ)



ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କୌଣସି ଘର ନିର୍ମାଣ ପାଇଁ ଖୋଳାଯାଇଥିବା ୬ଟି ବଡ଼ ବଡ଼ ଖାଲ ଏବେ ଛୋଟ ଶିଶୁ ଓ ଜୀବଜନ୍ତୁଙ୍କ ପାଇଁ ମରଣଯନ୍ତା ପାଲଟିଛି। ଗୁରୁବାର ରାତିରେ ଏକ ଗାଈ ଉକ୍ତ ଖାଲରେ ପଡିଥିବା ବେଳେ ଶୁକ୍ରବାର ସକାଳୁ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଡାକ୍ତରଖାନାକୁ ଆସିବା ପରେ ଏହା ଦେଖି ଅଗ୍ନିଶମ ବାହିନୀକୁ ଅବଗତ କରିଥିଲେ। ନୀଳଗିରି ଅଗ୍ନିଶମ ବାହିନୀ ପହଞ୍ଚି ଗାଈଟିକୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଖାଲଗୁଡ଼ିକ ୭ ମାସ ହେବ ଖୋଳା ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟ କରାଯାଉନାହିଁ। ଖାଲଗୁଡ଼ିକରେ ଜୀବଜନ୍ତୁ ଅନେକ ସମୟରେ ପଡ଼ି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଏହି ସ୍ଥାନରେ କୌଣସି କାର୍ଯ୍ୟ ହେବାର ନାହିଁ ତେବେ ତୁରନ୍ତ ଏହାକୁ ପୋତାଯାଉ, ନଚେତ୍ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଧରାପଡ଼ିଲେ ନକଲି ସିବିଆଇ ଅଫିସର

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି
(ସଞ୍ଜୟ କୁମାର ଅଗ୍ରୱାଲା),୨୨।୩

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ନିଜକୁ ସିବିଆଇ ଅଫିସର ପରିଚୟ ଦେଇ ଆମ୍ବୁଲାନ୍ସ ଯୋଗେ ଜଣେ ଯୁବକଙ୍କୁ ଅପହରଣ କରିନେଉଥିବା ଜଣେ ବ୍ୟକ୍ତି ଧରାପଡ଼ିଛନ୍ତି। ତାଙ୍କ ସହ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ବାଙ୍ଗିରିପୋଷି ଥାନା ମହୁଲିଶୋଳ ଗ୍ରାମ ନିକଟରେ ଶୁକ୍ରବାର ସକାଳେ ଏକ ଆମ୍ବୁଲାନ୍ସ ଛିଡ଼ା ହୋଇଥିଲା। ଉକ୍ତ ଆମ୍ବୁଲାନ୍ସରୁ ହ୍ୟାଣ୍ଡକପ୍ ପିନ୍ଧିଥିବା ଜଣେ ଯୁବକ ଓହ୍ଲାଇ ଦୌଡ଼ି ପଳାଇଥିଲେ। ଆମ୍ବୁଲାନ୍ସ ଡ୍ରାଇଭର ବେତନଟୀ ଥାନା ଦହିକୋଠିର ସଞ୍ଜୟ କୁମାର ଓଟା ଏବଂ ନକଲି ସିବିଆଇ ଅଫିସର ପରିଚୟ ଦେଇଥିବା ବେତନଟୀ ଅଞ୍ଚଳର ଉମାଶଙ୍କର ବେହେରା ତାଙ୍କ ପଛରେ ଗୋଡାଇଥିଲେ। ଏନେଇ ସନ୍ଦେହ ହେବାରୁ ସ୍ଥାନୀୟ ଲୋକେ ଘେରି ଯାଇଥିଲେ। ଆମ୍ବୁଲାନ୍ସ ଡ୍ରାଇଭର ଭୟରେ ବୁଢ଼ାମରା ଗ୍ରାମ ମଧ୍ୟକୁ ପଶିଯିବାରୁ ଗ୍ରାମବାସୀ ଉଭୟଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ବାଙ୍ଗିରିପୋଷି ପୋଲିସ ପହଞ୍ଚି ତଦନ୍ତ କରିବା ସହ ଆମ୍ବୁଲାନ୍ସରୁ ୩ଟି ହାତକଡି, ଦୁଇଟି କଳାମୁଖା ଏବଂ ମାରଣାସ୍ତ୍ର ସହ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା। ଆମ୍ବୁଲାନ୍ସ ସହିତ ସଞ୍ଜୟ ଓ ଉମାଶଙ୍କରଙ୍କୁ ଥାନାକୁ ଆଣିଥିଲା। ଆମ୍ବୁଲାନ୍ସରୁ ଚମ୍ପଟ ମାରିଥିବା ଯୁବକଙ୍କୁ ପୋଲିସ ଖୋଜି ଖୋଜି କୁଲିଅଣା ବ୍ଲକ ଅଦାପାଳସ୍ଥିତ ପାତିହିଞ୍ଜା ଗ୍ରାମରୁ

### ଆମ୍ବୁଲାନ୍ସରେ ଯୁବକଙ୍କୁ ଅପହରଣ କରିନେଉଥିଲେ



ଜବତ ଆମ୍ବୁଲାନ୍ସ।

ଉଦ୍ଧାର କରିଥିଲା। ଉଦ୍ଧାର ଯୁବକ ଜଣକ ଡୁକୁରା ଅଞ୍ଚଳର ସୂର୍ଯ୍ୟରଞ୍ଜନ ପାତ୍ର ବୋଲି ଜଣାପଡ଼ିଛି। ସେ ଟେମ୍ପୋ ଯୋଗେ ବିସ୍କୁଟ, ପାଉଁରୁଟି ବ୍ୟବସାୟ କରି ଦୋକାନଗୁଡିକରେ ଦେଇଥାନ୍ତି। ଶୁକ୍ରବାର ବେପାର କରିବା ପାଇଁ ଆସିଥିଲା ବେଳେ ଏକ ବୋଲେରୋରେ ତାଙ୍କୁ ୬ଜଣ ଅପହରଣ କରି ନେଇଆସିଥିଲେ। ବେତନଟୀ ବାଇପାସ୍‌ରେ ଆମ୍ବୁଲାନ୍ସରେ ବସାଇ ମୁହଁରେ କଳାକନା ଘୋଡ଼ାଇବା ସହିତ ବାରିପଦା ଥାନାରେ ମାମଲା ଅଛି କହି ହାତକଡି ଦେଇ ନେଇଆସିଥିଲେ। କୁଲିଅଣା ଟୋଲ୍‌ଗେଟ ପାର୍ ହେବା ପରେ ତାଙ୍କୁ ଅପହରଣ କରି ନିଆଯାଉଥିବା ସୂର୍ଯ୍ୟରଞ୍ଜନ ଜାଣିବାକୁ ପାଇଥିଲେ। ତେବେ କଳାବାଡ଼ିଆ ପଞ୍ଚାୟତ ମହୁଲିଶୋଳ ଛକ ନିକଟରେ ହାତକଡ଼ି ଖସିଯିବାରୁ ଆମ୍ବୁଲାନ୍ସ ଅଟକିବା କ୍ଷଣି ସେ ଜୀବନ ବିକଳରେ ଦୌଡ଼ି ପଳାଇଥିଲେ ବୋଲି କହିଛନ୍ତି। ଏସ୍‌ଡିପିଓ ସୁଜିତ କୁମାର ପ୍ରଧାନ ଓ ଥାନା ଇନ୍ସପେକ୍ଟର ରୋଜାଲିନ ବେହେରା ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ରଖିଛନ୍ତି।

## ପୋଖରୀରେ ବୁଡ଼ି ମହିଳା ମୃତ

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଡାଳପକା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଗହ୍ନା ମୁଣ୍ଡାଙ୍କ ସ୍ତ୍ରୀ ନାସିମ(୨୯)। ସେ ଗୁରୁବାର ପୋଖରୀକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ଶୁକ୍ରବାର ପୋଖରୀରେ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ.୧୭/୨୪) ରୁଜୁ ହୋଇ ଥିବା ଥାନା ଅଧିକାରୀ ବିବସ୍ ପ୍ରଧାନ କହିଛନ୍ତି।

# ସହରରେ ଗିଲିରି ଫୁଲ, ଶୋଲାର ଚାହିଦା

କେନ୍ଦୁଝର,୨୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

■ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ
■ବିଡ଼ା ୫ ଟଙ୍କାରେ କିଣି ୨ ଗୁଣାରେ ବିକୁଛନ୍ତି ବ୍ୟବସାୟୀ

ସାଧାରଣତଃ ବନବାସୀଙ୍କ ଜୀବନ ଶୈଳୀ ସହରୀ ଢାଞ୍ଚାଠାରୁ ସମ୍ପୂର୍ଣ୍ଣ ଅଲଗା। ବନବାସୀ ତଥା ଆଦିବାସୀମାନେ ଜଙ୍ଗଲରେ ରହୁଥିବା ବେଳେ ଜଙ୍ଗଲରୁ ମିଳୁଥିବା ବିଭିନ୍ନ ଶାଗ, ଫୁଲ, ଫଳ ଆଦିକୁ ଖାଦ୍ୟ ଭାବେ ଗ୍ରହଣ କରିଥାଆନ୍ତି। ପୂର୍ବ ଅପେକ୍ଷା ଜୀବନଯାପନ ପ୍ରଣାଳୀରେ ପରିବର୍ତ୍ତନ ହୋଇଥିଲେ ବି ଉକ୍ତ ଦେଶୀ ଖାଦ୍ୟ ସେମାନଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରୁଛି। ବନବାସୀମାନେ ଜଙ୍ଗଲରୁ ସଂଗ୍ରହ କରୁଥିବା ଝୁଣା, ମହୁ, ଲାଖର ଆଦର ସବୁବେଳେ ରହିଆସିଛି। ମାତ୍ର ଏବେ ସହରରେ ବନବାସୀ ଖାଦ୍ୟଭାବେ ବ୍ୟବହାର କରୁଥିବା ଜଙ୍ଗଲୀ ଫୁଲ ଓ ଶାଗର ଚାହିଦା ବଢ଼ୁଛି। ସହରୀ ଲୋକ ଏହାକୁ ଆଗ୍ରହର ସହ କିଣି ନେଉଥିବାରୁ କେନ୍ଦୁଝର ସହରରେ ଏବେ ଗିଲିରି ଫୁଲ, ଶୋଲା ବହୁଳ ଭାବେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ମାତ୍ର ବଜାର ସୁବିଧା ନ ଥିବାରୁ ଶୋଲା ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ସହରରେ ଜଙ୍ଗଲରୁ ସଂଗୃହୀତ ବହୁ ପ୍ରକାର ଫଳ, ଫୁଲ, ମୂଳ, ପନିପରିବା ଆଦି ସର୍ବଦା ବିକ୍ରି ହୋଇଥାଏ। ଜଙ୍ଗଲରେ ବିଭିନ୍ନ ଋତୁରେ ଅନେକ ପ୍ରକାର ଫଳମୂଳ ହୋଇଥାଏ। ଏବେ ଗିଲିରି ଫୁଲ ଫୁଟୁଥିବାରୁ ବନବାସୀ ଏହାକୁ ଆଣି ବିକ୍ରି କରୁଛନ୍ତି। ଏହି ଫୁଲକୁ କିଏ ଭାଜି ଶାଗ ଭଳି ଖାଇଥାଏ ତ କିଏ ଭଜା କରି କିମ୍ବା ରାଇ ପ୍ରସ୍ତୁତକରି ଖାଇଥାନ୍ତି। ବିଶେଷକରି ବନବାସୀଙ୍କ ଏହି ଖାଦ୍ୟ ଏବେ ସବୁ ବର୍ଗର ଲୋକଙ୍କ ପାଇଁ ପ୍ରିୟ ହୋଇଯାଇଛି। ବାଂଶପାଳ ବ୍ଲକ୍‌ର କାଞ୍ଜିପାଣି ଅଞ୍ଚଳର ସମ୍ବାରୀ ମୁଣ୍ଡା କହିଛନ୍ତି, ଶୀତଦିନେ ବଡ଼ ବଡ଼ ଗଛରେ ଏହିସବୁ ରଙ୍ଗିନ ଫୁଲ ଫୁଟିଥାଏ। ବଣରେ ବୁଲି ଏହାକୁ ସଂଗ୍ରହ କରିବାକୁ ପଡ଼ିଥାଏ। ତାହାକୁ ସେମାନେ ଖାଉଥିବା ବେଳେ ବଳକା ଫୁଲକୁ ଭାଗ ୧୦ ରୁ ୨୦ ଟଙ୍କାରେ ବିକ୍ରି କରୁଥିବା କହିଥିଲେ। ବୈଦ୍ୟ ବିଶାରଦ ହରେକୃଷ୍ଣ


ଗିଲିରି ଫୁଲ।


ଶୋଲା ଗଛ।

ମହାନ୍ତ କହିଛନ୍ତି, ଏହାର ସ୍ୱାଦ ନିଆରା। ପ୍ରକୃତିଦତ୍ତ ଏହି ଫୁଲରେ ଔଷଧୀୟ ଗୁଣ ରହିଛି। ବର୍ଷରେ ଏହାକୁ ନିହାତି ଖାଇବା ଦରକାର। ଏହାର ଚାହିଦା ଅଧିକ ରହିଥିବାରୁ ଏସବୁ ଉପରେ ବ୍ୟବସାୟୀଙ୍କ ନଜର ପଡ଼ିଛି। ସେମାନେ ଆଦିବାସୀଙ୍କଠାରୁ କିଣିନେଇ ହାଟବଜାରରେ ବିକ୍ରିକରିବା ସହ କଟକ, ଭୁବନେଶ୍ୱର ଆଦି ଅଞ୍ଚଳକୁ ପଠାଇ ଲାଭବାନ୍ ହେଉଛନ୍ତି।

ଅନୁରୂପ ଭାବେ ଶୀତଋତୁ ସକାଳେ କେନ୍ଦୁଝର ସହରରେ ଡାଲି ଜାତୀୟ ଶୋଲା ଚାଷୀଙ୍କ ଭିଡ଼ ଜମିଥାଏ। ଏହା କଞ୍ଚା ଖାଇବାକୁ ସୁଆଦିଆ ଏବଂ ସ୍ୱାସ୍ଥ୍ୟ ପକ୍ଷେ ହିତକର। ଶୋଲା ଗଛ ବିଡା ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ୫ ଟଙ୍କାରେ ବିକ୍ରି କରିବାକୁ ବାଧ ହୋଇଛନ୍ତି। କିଛି ଦିନ ହେଲା କେନ୍ଦୁଝର ସହରରେ ଶୋଲା ଗଛ ଧରି ଚାଷୀମାନେ ରାସ୍ତା କଡ଼ରେ ଗ୍ରାହକ ଅପେକ୍ଷାରେ ବସି ରହୁଛନ୍ତି। କିନ୍ତୁ ଗ୍ରାହକ ମିଳୁ ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଏହାର ଫାଇଦା ବେପାରୀମାନେ ଉଠାଇଛନ୍ତି। ବେପାରୀମାନେ କମ ଦାମରେ କିଣି ୨ ଗୁଣା ଦରରେ ଜିଲା ତଥା ଜିଲା ବାହାରେ ବିକି ଲାଭ ବାନ ହେଉଛନ୍ତି। ଚାଷୀଙ୍କୁ ସେଭଳି ଲାଭ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ହରିଚନ୍ଦନପୁର ବ୍ଲକ୍‌ର ସାନକମଣ୍ଡରା ଓ ବଡ଼କମଣ୍ଡରା ଗ୍ରାମର ଚାଷୀ ଶୋଲା ଚାଷକରି ହାଟବଜାରରେ ବିକ୍ରିକରି ପରିବାର ଚଳାଇଥାନ୍ତି। ଶୋଲା ମଞ୍ଜିକୁ ଛଡ଼ାଇ ତରକାରି, ଡାଲି କରି ଖାଇଥାନ୍ତି। ଏହାକୁ କିଲୋ ଦରରେ ବି ବିକ୍ରି କରିଥାନ୍ତି। ବର୍ଷା ପାଣିରେ ଧାନଚାଷ ଅମଳ ପରେ ଓଦାଳିଆ ଜମିରେ ଚାଷୀମାନେ ଶୋଲା ଚାଷ କରିଥାନ୍ତି। ସାନକମଣ୍ଡରା ଗ୍ରାମରେ ପାଖାପାଖି ୫୦, ବଡ଼କମଣ୍ଡରାର ୧୦୦ରୁ ଅଧିକ ପରିବାର ଶୋଲା ଚାଷ କରୁଥିବା କୁହନ୍ତି। ସ୍ଥାନୀୟ ଘରୋଇ ସଂସ୍ଥାରୁ ବିହନ ନେଇ ଚାଷ କରନ୍ତି ଏବଂ ଅମଳ ହେଲେ ବିହନ ଫେରାଇଥାନ୍ତି। ଚାଷକୁ ପ୍ରୋତ୍ସାହନ ମିଳିଲେ ଅଧିକ ଚାଷ ହୋଇ ପାରିବ ଏବଂ ଶୋଲା ଡାଲି ଆବଶ୍ୟକତା ମେଣ୍ଟାଇପାରନ୍ତା ବୋଲି ଚାଷୀ ପୂର୍ଣଚନ୍ଦ୍ର ମହାନ୍ତ କହିଛନ୍ତି।

## କବିତା ଗାଇ ସମସ୍ୟା ଜଣାଇଲେ ଛାତ୍ରୀଛାତ୍ର


ଅଭିଯୋଗ କରିବାକୁ ଆସିଥିବା ଛାତ୍ରୀଛାତ୍ର ଓ ଅଭିଭାବକ।

ହାଟଡିହୀ,୨୨।୩(ପାର୍ଥ ସୌରଭ ସା)

### ଜବରଦଖଲରେ ଗ୍ରାମ୍ୟ ରାସ୍ତା

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଅନ୍ତର୍ଗତ ସଡ଼ଙ୍ଗ ପଞ୍ଚାୟତ ନସିରପୁର ବ୍ରାହ୍ମଣ ସାହି ରାସ୍ତା ଜବରଦଖଲ ହୋଇ ରହିଛି। ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ଛାତ୍ରୀଛାତ୍ର ଓ ଗ୍ରାମବାସୀ ରାସ୍ତା ସମସ୍ୟା ନେଇ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀଙ୍କୁ ଭେଟି ନିଆରା ଢଙ୍ଗରେ କବିତା ମାଧ୍ୟମରେ ସମସ୍ୟା ଦୂର କରିବାକୁ ଗୁହାରି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମର ଜଣେ ବ୍ୟକ୍ତି ରାସ୍ତାକୁ ଜବରଦଖଲ କରି ଘର କରିଛନ୍ତି। ଫଳରେ ରାସ୍ତାଟି ସଙ୍କୁଚିତ ହୋଇଯାଇଛି। ଏପରିକି ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମି ଯାତାୟାତରେ ବାଧା ଉପୁଜୁଛି। ଛାତ୍ରୀଛାତ୍ରମାନେ ସ୍କୁଲ ଯିବାରେ ଅସୁବିଧା ଭୋଗୁଛନ୍ତି। ଗ୍ରାମ ଭିତରକୁ ଆମ୍ବୁଲାନ୍ସ ବି ଯାଇ ପାରୁନି। ଯାହାଦ୍ୱାରା ଗ୍ରାମବାସୀ ଓ ସ୍କୁଲ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗାଁ ମନ୍ଦିର ନିକଟରେ ଖତଗଦା କରିଥିବାରୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ବାରମ୍ବାର ତହସିଲଦାରଙ୍କୁ ଅଭିଯୋଗ କଲେ ବି କିଛି ସୁଫଳ ମିଳି ପାରୁନି। ତେଣୁ ବ୍ରାହ୍ମଣ ସାହିର ଆଶୀର୍ବାଦ ମିଶ୍ର, ପ୍ରତିଶା ମିଶ୍ର, ଶୁଭଲକ୍ଷ୍ମୀ ପଣ୍ଡା, ତନ୍ମୟ ମିଶ୍ର, ପିଙ୍କି ପଣ୍ଡା, ପ୍ରତ୍ୟୁସା ପଣ୍ଡା, ସାଇ ଅର୍ପିତା ମିଶ୍ର, ଶ୍ରୁତି ମିଶ୍ର, ଶ୍ରଦ୍ଧାଞ୍ଜଳି ପଣ୍ଡା, ଶ୍ରଦ୍ଧାଞ୍ଜଳି ସାଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରୀ ଓ ଅଭିଭାବକମାନେ ଆନନ୍ଦପୁର ଉପ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ତୁରନ୍ତ ଜବରଦଖଲ ହଟାଇବାକୁ ସେମାନେ ନିବେଦନ କରିଛନ୍ତି।

## ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

ରାମଚନ୍ଦ୍ରପୁର,୨୨।୩ (ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଟୋଲଙ୍କପଡ଼ା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନ୍ତୋଷ ଜେନାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁରର ପୂର୍ବତନ ବିଇଓ ଶରତ ରାଉତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସକାଳୁ ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶ ଧାରଣ କରି ଗ୍ରାମରେ ଏକ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ଦେଇ ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରରେ ମୁଖ୍ୟ ବକ୍ତାଭାବେ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ସାହୁ, ନିମନ୍ତ୍ରିତ ଅତିଥି ଏବିଇଓ ଅତୁଲ ବଳ, ଦୋଳ ଗୋବିନ୍ଦ ପଣ୍ଡା, ରଞ୍ଜନ ଜେନା, ମଦନ ମୋହନ ବାରିକ, ବୁଦ୍ଧଦେବ ପଣ୍ଡା ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ରୀଡ଼ା ଏବଂ ଡିବେଟ୍‌ରେ ଭାଗ ନେଇଥିବା ୨୮ ଜଣ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ସହିତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କମିଟି ସଦସ୍ୟ ବିଚିତ୍ରନାଥ ସାହୁ, ଆନନ୍ଦ ସାହୁ, ଛବିଳ ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ସବିତା ଦାସ, ମୀନାରାଣୀ ଖୁଣ୍ଟିଆ, କୁନି ସାହୁ, ଶକୁନ୍ତଳା ପଣ୍ଡା, ମନୋଜ ମଞ୍ଜରୀ ସା, ଗୀତାଞ୍ଜଳି ଦେବତା, ସୁଶାନ୍ତ କୁମାର ବେଜ, ସନାତନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ

### ବିଶ୍ୱ ପୁରୁଷ ହକି କପର ଫଟୋଚିତ୍ର ଖୋଲାଯାଇନି




ସୋସୋ,୨୨।୩(ସତ୍ୟବ୍ରତ ଜେନା): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍‌ରେ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରାଯାଇଛି। ସାଧାରଣ ନିର୍ବାଚନକୁ ନେଇ ନିର୍ବାଚନ ଆଚରଣ ବିଧି ସାରା ରାଜ୍ୟରେ ଜାରି ହୋଇଛି। କିନ୍ତୁ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାବେଳେଶ୍ୱର ପଞ୍ଚାୟତ ଜମ୍ବାରା ଗ୍ରାମରେ ଥିବା ବିଶ୍ୱ ପୁରୁଷ ହକି କପର ଫଟୋଚିତ୍ରକୁ ଖୋଲାଯାଇନାହିଁ। ଏହାକୁ ନେଇ ବିଭିନ୍ନ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସରପଞ୍ଚ ରମାକାନ୍ତ ନାୟକ କହିଛନ୍ତି, ଖାମ ଖିଆଲି ଭାବେ ଛାଡ଼ିଦେଇଛନ୍ତି, ବର୍ତ୍ତମାନ ଲୁଚାଇଦେବା ନେଇ କହିଥିଲେ। ହାଟଡ଼ିହୀ ମଣ୍ଡଳ ଉନ୍ନୟନ ଅଧିକାରୀ ସୋମ୍ୟଶ୍ରୀ ପାଣିଗ୍ରାହୀ ଯୋଗାଯୋଗ କରାଯାଇଥିବା ବେଳେ ସେ ମିଟିଂରେ ବ୍ୟସ୍ତଥିବା କହିଥିଲେ।

### ହଟୁନି ସରକାରୀ ହୋର୍ଡିଂ




ପାଟଣା,୨୨।୩(ବୀର କିଶୋର ଦାଶ): ୧୬ ମାର୍ଚ୍ଚରେ ମୁଖ୍ୟ ନିର୍ବାଚନ ଆୟୋଗ ଅଷ୍ଟାଦଶ ସାଧାରଣ ନିର୍ବାଚନ ପାଇଁ ବିଦ୍ଧିବଦ୍ଧ ବିଜ୍ଞପ୍ତି ଜାରି କରିଥିଲେ। ଉକ୍ତ ଦିନଠାରୁ ନିର୍ବାଚନ ଆଚରଣ ବିଧି ନିୟମ ମଧ ଲାଗୁ ହୋଇଥିଲା। ବିଜ୍ଞପ୍ତି ପ୍ରକାଶର ୭୨ଘଣ୍ଟା ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ନେତା ଓ ଦଳୀୟ ଚିହ୍ନର ହୋର୍ଡିଂ କଭର କରିବା କିମ୍ବା ଓହ୍ଲାଇବାର ନିୟମ ଥିଲେ ହେଁ ପାଟଣା ନିର୍ବାଚନ ମଣ୍ଡଳୀରେ ବ୍ୟତିକ୍ରମ ଦେଖାଦେଇଛି। ଆନନ୍ଦେଶ୍ୱର ଶିବ ମନ୍ଦିର ପାଚେରିକୁ ଲାଗି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ହୋର୍ଡିଂ ଖୋଲାଯାଇନାହିଁ। ଉକ୍ତ ଯୋଜନାରୁ ମନ୍ଦିର ମରାମତି ଓ ପୁନଃ ଉଦ୍ଧାର ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର ହୋଇଥିବାର ହୋର୍ଡିଂକୁ ପାଟଣା ପଞ୍ଚାୟତ ସମିତି ପକ୍ଷରୁ ଲଗାଯାଇଛି। ଏହା ନିର୍ବାଚନ କମିଶନଙ୍କ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରୁଥିବା କଂଗ୍ରେସ ବରିଷ୍ଠ ନେତା ତଥା ପୂର୍ବତନ କଂଗ୍ରେସ ଦଳର ପାଟଣା ବିଧାୟକ ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ କହିଛନ୍ତି।

## ନିକୁଞ୍ଜ କଂଗ୍ରେସ ସାଧାରଣ ସମ୍ପାଦକ ନିଯୁକ୍ତ

ଆନନ୍ଦପୁର,୨୨।୩(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଯୁବନେତା ନିକୁଞ୍ଜ ବିହାରୀ ମିତ୍ର ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ଅଲ ଇଣ୍ଡିଆ କଂଗ୍ରେସ କମିଟି ସଭାପତି ମଲିକା ଅର୍ଜୁନ ଖଡ଼ଗେ ନିଯୁକ୍ତ କରିଥିବା ଜଣାପଡ଼ିଛି। ସେ ଛାତ୍ର ଜୀବନରୁ ୧୯୮୪ ରୁ କଂଗ୍ରେସରେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ କାର୍ଯ୍ୟ କରି ଆସୁଛନ୍ତି। ନୂତନ ଦାୟିତ୍ୱ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଅଲ ଇଣ୍ଡିଆ କଂଗ୍ରେସ କମିଟିର ସଭାପତି, ଓଡ଼ିଶା ପ୍ରଭାରୀ କେସି ବେଣୁ ଗୋପାଳ, ଜୟଦେବ ଜେନାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ନାଳରୁ ବୃଦ୍ଧାଙ୍କ ମୃତଦେହ ଜବତ

ପାଟଣା,୨୨।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ଚିନାମାଳିପଶି ଗ୍ରାମ ତଣ୍ଡିଆ ସାହି କାଶିଆ ନାଳରୁ ଶୁକ୍ରବାର ଜଣେ ବୃଦ୍ଧାଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଗ୍ରାମର ମୁଣ୍ଡା ସାହି ମହେଶ୍ୱର ମହାନ୍ତଙ୍କ ସ୍ତ୍ରୀ ପାର୍ବତୀ ମହାନ୍ତ(୬୩)। ପାର୍ବତୀ ଗୁରୁବାର ନାଳକୁ ଗାଧୋବାକୁ ଯାଇ ନିଖୋଜ ଥିଲେ। ମୃତଦେହ ନାଳରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଘଟଗାଁ ପୋଲିସକୁ ଖବର ଦେଇଥିଲେ। ପୋଲିସ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ମାମଲା(ନଂ. ୧୨/୨୪)ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି।

## ଖବର ପ୍ରକାଶ ପରେ ଷ୍ଟ୍ରିଟ୍‌ଲାଇଟ ଜଳିଲା



ରାମଚନ୍ଦ୍ରପୁର,୨୨।୩(ଗଣେଶ୍ୱର ସା)

### ଧରିତ୍ରୀ ପ୍ରଭାବ

କେନ୍ଦୁଝର ଜିଲା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥ ସାଇଁକୁଳ ଫାଣ୍ଡି ନିକଟରୁ ସାଇଁକୁଳ ଓଭର ବ୍ରିଜ ପର୍ଯ୍ୟନ୍ତ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ ୩ ମାସ ହେଲା ଅଚଳ ହୋଇ ପଡ଼ିଥିଲା। ଅନ୍ଧାରରେ ସାଧାରଣଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ପଥଚାରୀ ନିଜକୁ ସୁରକ୍ଷିତ ମନେ କରୁ ନ ଥିଲେ। ଏହାର ସମାଧାନ ପାଇଁ ଏନଏଚଆଇ କର୍ତ୍ତୃପକ୍ଷଙ୍କୁ ସାଇଁକୁଳ ପଞ୍ଚାୟତ ପ୍ରତିନିଧି ବିଭ୍ରାସ ଚନ୍ଦ୍ର ନାଏକ ଦୀର୍ଘ ଦିନ ହେବ ଅଭିଯୋଗ କରିଆସୁଥିଲେ ମଧ ଏହାକୁ ଅଣଦେଖା କରାଯାଉଥିଲା। ସମସ୍ୟାକୁ ନେଇ ଚଳିତ ମାସ ୬ ତାରିଖରେ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଶୁକ୍ରବାର ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିଥିବା ଜଣାପଡ଼ିଛି। ସାଇଁକୁଳର ଅନନ୍ତ ଚରଣ ସ୍ୱାଇଁ, ବୈକୁଣ୍ଠ ନାଥ ପଟ୍ଟନାୟକ, ସନ୍ତୋଷ ସ୍ୱାଇଁ, ବ୍ରହ୍ମାନନ୍ଦ ପଟନାୟକ, ସନତ ରଥ, ମାର୍କଣ୍ଡ ସାମଲ, ପ୍ରାଣକୃଷ୍ଣ ପରିଡ଼ା ପ୍ରମୁଖ ଏନ୍‌ଏଚଆଇ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନୂଆଗାଁ ପଞ୍ଚାୟତକୁ ଲକ୍ଷ୍ମୀବସ୍ ଚଳାଚଳ ଦାବି

କେନ୍ଦୁଝର,୨୨।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଅପହଞ୍ଚ ଗ୍ରାମକୁ ଲକ୍ଷ୍ମୀବସ ସେବା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଶୁକ୍ରବାର ସ୍ଥାନୀୟ ଲୋକମାନେ ଲକ୍ଷ୍ମୀ ବସକୁ କିଛି ସମୟ ଅଟକାଇ ପ୍ରତିବାଦ ଜଣାଇବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରିବହନ ସଚିବଙ୍କୁ ଚିଠିଲେଖି ବସ୍ ସେବାକୁ ବିସ୍ତାପାଳ, ତାରତଖମଣ, ପୋଇପାଣି ଆଦି ଗ୍ରାମକୁ ବସ ସେବା ଯୋଗାଇଦେବାକୁ ନିବେଦନ କରାଯାଇଛି। ଏହି ବସ ସେବା ନ ଥିବାରୁ ଉକ୍ତ ଗ୍ରାମର ଲୋକମାନେ ପଞ୍ଚାୟତ ତଥା ବ୍ଲକ୍ ସହରାଞ୍ଚଳକୁ ଯିବା ଆସିବା କରିବାକୁ ସମସ୍ୟା ଭଗୁଛନ୍ତି। ଏ ନେଇ ସେମାନେ ବିଡିଓ, ଜିଲା ପରିବହନ ମ୍ୟାନେଜର କେନ୍ଦୁଝରଙ୍କୁ ଅବଗତ କରିଛନ୍ତି। ତେବେ ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ୱାର୍ଡ ସଭ୍ୟା ମମତା ସିଂ, ସମିତି ସଭ୍ୟ ସଞ୍ଜୟ ନାଏକ ଚେତାବନୀ ଦେଇଛନ୍ତି।

# ଭାଜପା ପକ୍ଷରୁ ଚାଏ ପେ ଚର୍ଚ୍ଚା

କେନ୍ଦୁଝର,୨୨।୩(ଦୀପକ ମିଶ୍ର)

କେନ୍ଦୁଝର ଜିଲା ନଗର ଭାଜପା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଷ୍ଟାଡ଼ିୟମରେ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ବିଧାୟକ ମୋହନ ମାଝୀ ଯୋଗଦେଇ ଦେଶକୁ ଅର୍ଥନୈତିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଦକ୍ଷେପ ବିଷୟରେ ଷ୍ଟାଡିୟମକୁ ବ୍ୟାୟାମ ପାଇଁ ଆସିଥିବା ବ୍ୟକ୍ତିମାନଙ୍କୁ ଅବଗତ କରାଇଥିଲେ। ଏହା ସଙ୍ଗେ ଚା ପିଆଇଥିଲେ। ନଗର ଭାଜପା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନଗର ଭାଜପା ସଭାପତି ବିଶ୍ୱଜିତ ତ୍ରିପାଠୀ, ରାଜେନ୍ଦ୍ର ପାତ୍ର, ଦୁର୍ଯ୍ୟୋଧନ ସାହୁ, ବ୍ରଜ କିଶୋର ରାୟ, ରବୀନ୍ଦ୍ର ପାଢ଼ୀ, ମନରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କେଜରିୱାଲଙ୍କୁ ଗିରଫ ପ୍ରତିବାଦରେ ବିକ୍ଷୋଭ

କେନ୍ଦୁଝର,୨୨।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଆମ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଗିରଫ ପ୍ରତିବାଦରେ ବିକ୍ଷୋଭ କରାଯାଇଛି। କେନ୍ଦୁଝର ଜିଲା ଏଏପିର କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ବିରୋଧ ପ୍ରଦର୍ଶନ କରିଥିଲେ। କେଜରିୱାଲଙ୍କୁ ଗିରଫଦାରୀ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଅରବିନ୍ଦ କେଜରିୱାଲ ସାରା ଭାରତରେ ସମସ୍ତଙ୍କ ପାଇଁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳର ସୁବିଧା, ରୋଜଗାର ଭଳି ସାଧାରଣ ଲୋକର ମୌଳିକ ଆବଶ୍ୟକତାକୁ ପୂରଣ କରୁଛନ୍ତି। ନରେନ୍ଦ୍ର ମୋଦି ସରକାର ଏହିଭଳି ଏକ ମହାନ ବିଚାର ଧାରାର ବ୍ୟକ୍ତିଙ୍କୁ ଗିରଫ କରି ଦେଶର ଗଣତନ୍ତ୍ରକୁ କଣ୍ଠରୋଧ କରି ଦେଶକୁ ଏକଛତ୍ରବାଦ ଶାସନ କରିବା ପାଇଁ ବସିଛନ୍ତି ବୋଲି କେନ୍ଦୁଝର ଜିଲା ଆମ ଆଦମୀ ପାର୍ଟି ପକ୍ଷରୁ କୁହାଯିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମକର୍ତ୍ତାମାନେ ଶାନ୍ତିପୂର୍ଣ୍ଣ ଭାବରେ ବିରୋଧ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ମେଘନାଥ ମାଝୀ, ଉପସଭାପତି ଜୈନୁଲ ଆବେଦୀନ, ଜିଲା ସମ୍ପାଦକ ଭବାନୀ ଶଙ୍କର ମହାନ୍ତ, ଯୁଗ୍ମ ସମ୍ପାଦକ ଶୁଭଙ୍କର ମହାନ୍ତି, କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀର ସଭାପତି ଜୟକୃଷ୍ଣ ନାଏକ, ପାଟଣା ନିର୍ବାଚନ ମଣ୍ଡଳୀ ସଭାପତି ଖଗେଶ୍ୱର ମହାନ୍ତ, ଘଷିପୁରା ନିର୍ବାଚନ ମଣ୍ଡଳୀ ସଭାପତି ପ୍ରହଲ୍ଲାଦ ମହାକୁଡ଼, ସାହାରପଡ଼ା ବ୍ଲକ୍ ସଭାପତି ଧନେଶ୍ୱର ମହାନ୍ତ, ଲୋକନାଥ ନାଏକ, ଦିପୁ ମହାନ୍ତ, ମହେଶ୍ୱର ନାଏକ, କରୁଣାକର ନାଏକ, ବିନୋଦ ନାଏକ, ଅଶ୍ୱିନ ସେଠୀ, ସୁମନ୍ତ ମହାନ୍ତ, ସଞ୍ଜୟ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏଏପି ନେତା ଓ କର୍ମୀମାନେ।

# ସାଧାରଣ ନିର୍ବାଚନ ପାଇଁ କଂଗ୍ରେସର ୯ ଗ୍ୟାରେଣ୍ଟି



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ନେତୃବୃନ୍ଦ।

କେନ୍ଦୁଝର,୨୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ଦଳର ୯ ଗୋଟି ଗ୍ୟାରେଣ୍ଟି ଯୋଜନା ପ୍ରସ୍ତୁତ ହୋଇଛି। ଶୁକ୍ରବାର କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା କଂଗ୍ରେସର ଉକ୍ତ ଗ୍ୟାରେଣ୍ଟି ଉପରେ ପ୍ରକାଶ କରିଥିଲେ। ୨୪ ବର୍ଷର ବିଜେଡି ଶାସନ ଓ ୯ ବର୍ଷର ବିଜେଡି ଏବଂ ଭାଜପା ଶାସନରେ ଯାହା ହୋଇନାହିଁ, ତାହା କଂଗ୍ରେସ କରି ଦେଖାଇବ ବୋଲି କହିଥିଲେ।

ଗ୍ୟାରେଣ୍ଟି ଗୁଡ଼ିକ ହେଲା ବୋନସ ସହ ଧାନର କ୍ରୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୦୦୦ ଟଙ୍କା, କୃଷିଋଣ ଛାଡ଼ ଓ କୃଷକ ପାଇଁ ମାସିକ ପେନ୍‌ସନ ୨୦୦୦ ଟଙ୍କା, ପ୍ରତ୍ୟେକ ଘରୋଇ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ୍ ବିଦ୍ୟୁତ ଦେୟ ଛାଡ଼, ୫ ଲକ୍ଷ ଯୁବକ, ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ଓ ବେକାରୀ ଭତ୍ତା ମାସିକ ୩୦୦୦ ଟଙ୍କା, ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼, ଗୃହଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଘରର ମୁଖ୍ୟ(ମହିଳା)ଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା, ପ୍ରତି ପରିବାରକୁ ମାସକୁ ୫୦୦ ଟଙ୍କାରେ ଗୋଟିଏ ସିଲିଣ୍ଡର, ସରକାରୀ କର୍ମଚାରୀଙ୍କ ସମେତ ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ମାଗଣା ଚିକିତ୍ସା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଦିବ୍ୟାଙ୍ଗ ଭତ୍ତା ମାସିକ ୨୦୦୦ ଟଙ୍କା ଏବଂ ରାଜ୍ୟରେ ଜାତି ଭିତ୍ତିକ-ସାମାଜିକ ଓ ଆର୍ଥିକ ସର୍ଭେ, ତୁରନ୍ତ ଶିକ୍ଷାନୁଷ୍ଠାନ ଓ ଚାକିରି କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭ % ସଂରକ୍ଷଣ ବ୍ୟବସ୍ଥା କରାଯାଇଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି। ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ସଙ୍ଗୀତା ସିଂହ, ଜିଲ୍ଲା ଆଦିବାସୀ କଂଗ୍ରେସ ସଭାପତି ଇଂ. ବିନୋଦ ବିହାରୀ ନାଏକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଉତ୍ତମ ସାହୁ ଓ ଜିଲ୍ଲା କଂଗ୍ରେସ ମିଡ଼ିଆ ଅଧକ୍ଷ ଦିଲୀପ ସାହୁ ଉପସ୍ଥିତ ଥିଲେ।

# ହାରିବା ଭୟରେ ବିରୋଧୀଙ୍କୁ ଗିରଫ କରାଯାଉଛି: ଜୟଦେବ

ପାଟଣା,୨୨।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ପାଟଣା ଓ ସାହରପଡ଼ା ବ୍ଲକ୍‌ର କର୍ମୀଙ୍କୁ ନେଇ ଶୁକ୍ରବାର ଏକ କର୍ମୀ ସମ୍ମିଳନୀ ପାଟଣା ବୈତରଣୀ ନଦୀ କୂଳ ଧାନବେଣୀ ପାର୍ଶ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଯୋଗଦେଇ ଭ୍ରଷ୍ଟାଚାରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଗାମୀ ନିର୍ବାଚନରେ ହାରିବା ଭୟରେ କ୍ଷମତାର ଦୁରୁପଯୋଗ କରି ସମସ୍ତ ବିରୋଧୀ ଶକ୍ତିଙ୍କୁ ଗିରଫ କରି ଜେଲରେ ପୁରାଇବାକୁ ମସୁଧା କରିଛି। ଏଣୁ ଭ୍ରଷ୍ଟାଚାରୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଲୋକେ ହଟାଇବାକୁ ପଣ କରିବାକୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ସରକାର ଅମଳରେ ପାଟଣା ବୈତରଣୀ ନଦୀରେ ପୋଲଠାରୁ ଆରମ୍ଭ କରି ପାଟଣା ଓ ତୁରୁମୁଙ୍ଗାରେ କଲେଜ ହୋଇଥିବା କହିଥିଲେ। ଏଥିରେ ପିସିସି ମହିଳା ଉପସଭାପତି ସଙ୍ଗୀତା ସିଂ, ପୂର୍ବତନ ପାଟଣା ବିଧାୟକ ହୃଷୀକେଶ ନାଏକ, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ, ପୂର୍ବତନ ସଦର ବିଧାୟକ ଇଂ. ସୁବର୍ଣ୍ଣ ନାଏକ, ପାଟଣା ନିର୍ବାଚନ ମଣ୍ଡଳୀ ସଂଯୋଜକ ଶିବ ବେହେରା, ପାଟଣା ବ୍ଲକ୍ ପୂର୍ବତନ ଅଧକ୍ଷ ବିଦ୍ୟାଧର ଦାଶ, ଗୌରହରୀ ନାଏକ, ଓବିସି ଜିଲା ସଭାପତି ଯଦୁମଣି ବାରିକ, କଂଗ୍ରେସ ସାହାରପଡ଼ା ବ୍ଲକ୍ ସଭାପତି ମୁକୁନ୍ଦ ମହାନ୍ତ, ପୂର୍ବତନ ପାଟଣା ବ୍ଲକ୍ କଂଗ୍ରେସ ସଭାପତି ଲକ୍ଷ୍ମଣ ଦାଶ, ବରିଷ୍ଠ ନେତା କୈଳାଶ ଚନ୍ଦ୍ର ବାରିକ, ଜ୍ଞାନେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସେବାଦଳ ଜିଲା ସଭାପତି ବିରଭଦ୍ର ମହାନ୍ତ ସଂଯୋଜନା କରିଥିଲେ।

